୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.78 Bhubaneswar Tuesday April 30 2024 | ୨୬ତମ ବର୍ଷ ସଂଖ୍ୟା-୭୮ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୩୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) | Member-INS

## ନବୀନ ୨ରେ କଣ୍ଟାବାଞ୍ଜିରୁ ଭରିବେ ନାମାଙ୍କନ ପତ୍ର: ଅଡୁଆ ବଢ଼ାଇଛି ବିଜେଡି କନ୍ଦଳ

ଭୁବନେଶ୍ୱର,୨୯।୪(ପି.ଏନ): ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨ତାରିଖରେ କଣ୍ଟାବାଞ୍ଜି ବିଧାନସଭା ଆସନ ପାଇଁ ନିଜର ନାମାଙ୍କନ ପତ୍ର ଦାଖଲ କରିବେ। ଆସନ୍ତାକାଲି ଏପ୍ରିଲ ୩୦ରେ ନବୀନ ହିଞ୍ଜିଳି ଆସନରୁ ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିବେ। ତେବେ ନବୀନଙ୍କ ଗସ୍ତ ପୂର୍ବରୁ କଣ୍ଟାବାଞ୍ଜି ବିଜେଡିରେ ତୀବ୍ର ଗୋଷ୍ଠୀକନ୍ଦଳ ଏବେ ଦଳକୁ ଅଡୁଆରେ ପକାଇ ଦେଇଛି। ବିଜେଡି ସେଠାରେ ଯେତେ ତାଳି ପକା କାର୍ଯ୍ୟ କରିବାକୁ ଚାହିଁଲେ ବି ସ୍ଥାନୀୟ ନେତୃତ୍ୱଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝା ଯୋଗୁ ସାଧାରଣ କର୍ମୀଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖିବାକୁ ମିଳିଛି। ଗତକାଲି ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉପସ୍ଥିତିରେ ଖୋଲାଖୋଲି ଭାବେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା କଣ୍ଟାବାଞ୍ଜି ରାଜନୀତିକୁ ସରଗରମ କରିଛି।ସୂଚନା ଅନୁସାରେ, ଦୁଇଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନବୀନ ଆସନ୍ତା ୨ତାରିଖରେ କଣ୍ଟାବାଞ୍ଜି ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ । ନବୀନଙ୍କ ଗସ୍ତ ଓ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ ପାଇଁ ଦଳ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି । ନର୍ଲାରୁ ଟିକେଟ୍ ନପାଇ ନିରାଶ ହୋଇଥିବା ବରିଷ୍ଠ ନେତା ତଥା ବିଧାୟକ ଭୂପିନ୍ଦର ସିଂଙ୍କୁ କଣ୍ଟାବାଞ୍ଜି ବିଧାନସଭା ମଣ୍ଡଳୀର ମୁଖ୍ୟ ନିର୍ବାଚନ ସଂଯୋଜକ ଭାବେ ବିଜେଡି ନିଯୁକ୍ତି ଦେଇଛି । ତାଙ୍କୁ ନର୍ଲାରୁ ଦୂରେଇ ରଖିବା ପାଇଁ ବିଜେଡି ତାଙ୍କୁ କଣ୍ଟାବାଞ୍ଜି ପଠାଉଥିବା ଚର୍ଚ୍ଚା ହେଉଛି । ସେପଟେ କଣ୍ଟାବାଞ୍ଜିରେ ଟିକେଟ୍ ରେସରେ ରହି ନିରାଶ ହୋଇଥିବା ବିଜେଡି ନେତା ଆୟୁବ୍ ଖାନ, ଅଜୟ ଦାସ ଓ ହଂସରାଜ ଜୈନଙ୍କ ସମେତ ଗିରିରାଜ ସିଂ ମାଝୀଙ୍କ ମଧ୍ୟରେ ତୀବ୍ର ଗୋଷ୍ଠୀକନ୍ଦଳ ଏବେ ଦଳକୁ ଅଡୁଆରେ ପକାଇଛି । ସମସ୍ତେ ନବୀନ ପଟ୍ଟନାୟକଙ୍କୁ ନିଜର ନେତା ମାନି ତାଙ୍କ ସପକ୍ଷରେ କାର୍ଯ୍ୟ କରିବାର ସଙ୍କେତ ଦେଉଥିଲେ ମଧ୍ୟ ସ୍ଥାନୀୟ ନେତାମାନଙ୍କ ମଧ୍ୟରେ କନ୍ଦଳ ଯୋଗୁ ଏହାର ଫାଇଦା ସିଧାସଳଖ ବିରୋଧୀ ଦଳକୁ ମିଳିବାର ସମ୍ଭାବନା ରହିଛି।



## ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲା: ସିବିଆଇ ତଦନ୍ତ ଉପରେ ଲାଗିଲା ରୋକ୍

ଭୁବନେଶ୍ୱର,୨୯।୪(ପି.ଏନ): ବେଆଇନ୍ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ମମତା ସରକାରଙ୍କୁ ମିଳିଲା ବଡ ଆଶ୍ୱସ୍ତି। ପଶ୍ଚିମବଙ୍ଗରେ ଶିକ୍ଷକ ଓ ଅଣ-ଶିକ୍ଷକ କର୍ମଚାରୀଙ୍କ ୨୪ ହଜାର ନିଯୁକ୍ତି ରଦ୍ଦ କରିବା ମାମଲାରେ ସୁପ୍ରିମକୋର୍ଟ ଏକ ବଡ ରାୟ ଦେଇଛନ୍ତି। ଏହି ମାମଲାରେ ସିବିଆଇ ତଦନ୍ତ ଉପରେ କୋର୍ଟ ରୋକ୍ ଲଗାଇଛନ୍ତି।ନିକଟରେ ପଶ୍ଚିମଙ୍ଗବର ଶିକ୍ଷକ ନିଯୁକ୍ତ ଦୁର୍ନୀତି ମାମଲାରେ ସିବିଆଇ ତଦନ୍ତ ପାଇଁ କଲିକତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ଚ୍ୟାଲେଞ୍ଜ କରି ମମତା ବାନାର୍ଜୀ ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଆଜି ଏହି ମାମଲାର ଶୁଣାଣି କରି କୋର୍ଟ ସିବିଆଇ ତଦନ୍ତ ଉପରେ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ରୋକ୍ ଲଗାଇ ଦେଇଛନ୍ତି। ଆସନ୍ତା ମେ' ୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।



## ଟିକେଟ ଦେଇ ଫେରାଇ ନେଲା କଂଗ୍ରେସ: ଦଳ ଛାଡିଲେ ସମ୍ବଲପୁର ଲୋକସଭା କ୍ଷେତ୍ରର ପୂର୍ବ ପ୍ରାର୍ଥୀ



ସମ୍ବଲପୁର,୨୯।୪(ପି.ଏନ): କଂଗ୍ରେସ ପକ୍ଷରୁ ସମ୍ବଲପୁର ଲୋକସଭା କ୍ଷେତ୍ରରେ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ସ୍ଥାନରେ ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଟିକେଟ ଦେଇ ଫେରାଇ ନେବାକୁ ନେଇ ଅସନ୍ତୁଷ୍ଟ ଥିବା ଦୁଲାଲ ଚନ୍ଦ୍ର ପ୍ରଧାନ ଦଳ ଛାଡିଛନ୍ତି। ସେ ନିଜର ଇସ୍ତଫାପତ୍ର ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ନିକଟକୁ ପଠାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଗତକାଲି ଭାରତୀୟ ଜାତୀୟ କଂଗ୍ରେସ ରବିବାର ୨ଟି ଲୋକସଭା ଆସନ ଓ ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ କଂଗ୍ରେସ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ସେହିପରି ବାରପଦା ଓ ଖଣ୍ଡପଡା ବିଧାନସଭାରେ ମଧ୍ୟ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା।କଂଗ୍ରେସ ସାଧାରଣ ସଂପାଦକ କେ.ସି ବେଣୁଗୋପାଳ ଏକ ପ୍ରେସ ବିଜ୍ଞପ୍ତିରେ କହିଥିଲେ, କଟକରେ ସୁରେଶ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେହିପରି ସମ୍ବଲପୁର ଲୋକସଭା କ୍ଷେତ୍ରରେ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ସ୍ଥାନରେ ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି। ଏଣେ ବାରିପଦାରେ ବାଦଲ ହେମ୍ବ୍ରମଙ୍କ ସ୍ଥାନରେ ପ୍ରମୋଦ କୁମାର ହେମ୍ବ୍ରମ ଓ ଖଣ୍ଡପଡାରେ ମନୋଜ କୁମାର ପ୍ରଧାନଙ୍କ ସ୍ଥାନରେ ବୈଜୟନ୍ତୀମାଳା ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି।

## ନାବାଳିକାଙ୍କୁ ଗର୍ଭପାତ ପାଇଁ ଦେଇଥିବା ଅନୁମତିକୁ ଫେରାଇ ନେଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର,୨୯।୪(ପି.ଏନ): ଜଣେ ଦୁଷ୍କର୍ମ ପୀଡିତା ନାବାଳିକାଙ୍କୁ ଗର୍ଭପାତ କରିବାକୁ ଅନୁମତି ଦେଇଥିବା ରାୟକୁ ଆଜି ସୁପ୍ରିମକୋର୍ଟ ଫେରାଇ ନେଇଛନ୍ତି। ଏପ୍ରିଲ ୨୨ରେ ସର୍ବୋଚ୍ଚ ଅଦାଲତ ୧୪ ବର୍ଷୀୟ ନାବାଳିକାଙ୍କୁ ତାଙ୍କର ୩୦ ସପ୍ତାହର ଭ୍ରୂଣକୁ ଗର୍ଭପାତ କରିବାକୁ ଅନୁମତି ଦେଇଥିଲେ। ଏବେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ନିଜ ରାୟରେ ପରିବର୍ତ୍ତନ କରିଛନ୍ତି। ଏଥିସହ ପୂର୍ବରୁ ବମ୍ବେ ହାଇକୋର୍ଟ ଗର୍ଭପାତ ବିରୋଧରେ ଦେଇଥିବା ରାୟକୁ କାଏମ ରଖିଛନ୍ତି। ପୀଡିତାଙ୍କ ବାପା ମା' ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ ସେମାନେ ଜନ୍ମ ହେବାକୁ ଥିବା ସନ୍ତାନର ଦାୟିତ୍ୱ ନେବେ। ଯଦି ଗର୍ଭପାତ ପ୍ରକ୍ରିୟା ଆରମ୍ଭ କରାଯାଏ, ତା'ହେଲେ ଏହା ସେମାନଙ୍କ ଝିଅର ସ୍ୱାସ୍ଥ୍ୟାବସ୍ଥା ପ୍ରତି ବିପଦ ସୃଷ୍ଟି କରିପାରେ।



## ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର,୨୯।୪(ପି.ଏନ): ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ମେ' ୨୫ ତାରିଖରେ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ଭୁବନେଶ୍ୱର ଏବଂ ପୁରୀ ଲୋକସଭା ଆସନ ଓ ଏଥିରେ ଅନ୍ତର୍ଭୁକ୍ତ ଥିବା ୪୨ଟି ବିଧାନସଭା ଆସନରେ ନିର୍ବାଚନ ହେବ।ଏହି ସବୁ ଆସନ ପାଇଁ ଆଜିଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ଏହା ମେ'୬ ତାରିଖ ପର୍ଯ୍ୟନ୍ତ ଚାଲିବ।ମେ'୭ରେ ନାମାଙ୍କନପତ୍ର ଯାଞ୍ଚ ହେବ। ମେ'୯ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ହୋଇପାରିବ।



## ହେଲିକପ୍ଟର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଅମିତ ଶାହ

ଭୁବନେଶ୍ୱର,୨୯।୪(ପି.ଏନ): ଦେଶର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଅଳ୍ପକେ ଗୋଟିଏ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ସେ ବସିଥିବା ହେଲିକପ୍ଟର ଟେକଅପ ବେଳେ ହଠାତ୍ ନିୟନ୍ତ୍ରଣ ହରାଇଥିଲା। ବିହାରର ବେଗୁସରାରୁ ସେ ଉଡାଣ ଭରିବା ବେଳେ ଏପରି ଘଟଣା ଘଟିଥିଲେ।କିନ୍ତୁ କୌଣସି ବଡ ଅଘଟଣ ଘଟିବା ପୂର୍ବରୁ ଶାହଙ୍କ ହେଲିକପ୍ଟରର ପାଇଲଟ ସ୍ଥିତିକୁ ସମ୍ଭାଳି ନେଇଥିଲେ। ଏହାପରେ ହେଲିକପ୍ଟରଟି ବେଶ ସ୍ୱାଭାବିକ ଢଙ୍ଗରେ ଉଡାଣ ଭରିଥିଲା।



## ଅଙ୍କୁଶପୁର ପଞ୍ଚାୟତରେ ଦିଗପହଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ଙ୍କ ପ୍ରଚାର

କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ): ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ଜୋର ଧରିଛି ବିଜେଡି ପାର୍ଥି ଙ୍କ ପ୍ରଚାର।ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପାର୍ଥି ବିପ୍ଳବ ପାତ୍ର ନିଜ ସମର୍ଥକ ଙ୍କ ସହ ମିଶି କୁକୁଡାଖଣ୍ଡି ବ୍ଲକର ଅଙ୍କୁଶପୁର ପଞ୍ଚାୟତ ର ଅଙ୍କୁଶପୁର ଗ୍ରାମ,ରାଇଝୋଳ, ରନ୍ନପୁର ଆଦି ଗ୍ରାମକୁ ଗସ୍ତ କରି ନିର୍ବାଚନୀ ପ୍ରଚାର ଝୋର ଜାର କରିଛନ୍ତି।

## ପାରାଦୀପରେ ବିଜେଡିର ପ୍ରଥମ ମିଳିତ ପ୍ରସ୍ତୁତି ବୈଠକ : ନିର୍ବାଚନ ପ୍ରଚାର ପାଇଁ ମଙ୍ଗ ଧରିଲେ ପୌରାଧକ୍ଷ ବସନ୍ତ ବିଶ୍ୱାଳ

ପାରାଦୀପ,୨୯।୪(ପି.ଏନ): ନିକଟରେ ପାରାଦୀପ ବିଧାନସଭା ଆସନ ରେ ବିଜେଡି ପ୍ରାର୍ଥୀ ପାଇଁ ବିଧାୟକ ସମ୍ବିତ ରାଉତରାୟ ଏବଂ ପାରାଦୀପ ବିଜେଡି ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଦାବିଦାର ଥିବା ବେଳେ ଏହାକୁ ନେଇ ଉଭୟ ସମର୍ଥକ ଙ୍କ ମଧ୍ୟରେ ପ୍ରବଳ ବିବାଦ ଦେଖା ଦେଇଥିଲା । ତେବେ ଶେଷରେ ବିଳମ୍ବରେ ବିଧାୟକ ଙ୍କ ପତ୍ନୀ ଗୀତାଞ୍ଜଳି ରାଉତରାୟ ଙ୍କ ନାମ ଦଳ ଏହି ଆସନରୁ ବିଜେଡି ପ୍ରାର୍ଥୀନୀ ଭାବେ ଘୋଷଣା କରିଥିଲା । କିନ୍ତୁ ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ଦଳ ମଧ୍ୟରେ ଛକାପଞ୍ଝା ଓ ବିଶୃଙ୍ଖଳା ସେତିକି ବଢ଼ିବାରେ ଲାଗିଥିଲା । ଏହାକୁ ହୃଦୟଙ୍ଗମ କରି ଦଳର ଉଚ୍ଚ ନେତୃତ୍ୱ ନେତା ଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରି ପାରାଦୀପ ପୌରାଞ୍ଚଳ ରେ ବିଜେଡି ନେତା ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କୁ ନିର୍ବାଚନ ପ୍ରଚାର ଓ ପ୍ରସାର ଦାୟିତ୍ୱ ଦେଇଥିବା ଜଣାପଡିଛି । ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବିଜୁ ମେମୋରିଆଲ ଟ୍ରଷ୍ଟ ପରିସରରେ ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଦଳର ପ୍ରଥମ ମିଳିତ କର୍ମୀ ସମ୍ମିଳନୀ ଓ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ ଉପସ୍ଥିତ ରହି ନିର୍ବାଚନରେ ସହଯୋଗ ପାଇଁ ସମସ୍ତ କର୍ମୀ ଙ୍କୁ ଆହ୍ୱାନ ଦେଇଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦଳରେ ନୂତନ ଭାବେ ଯୋଗ ଦେଇଥିବା ନାରୀ ନେତ୍ରୀ ମୋନିଦୀପା ସାରଖେଲ, ସବିତା ମହାପାତ୍ର, ବିଜେଡି ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡା ଙ୍କ ସମେତ ବହୁ ଦଳୀୟ ନେତା ଓ ପାରିଷଦ ମାନେ ଉପସ୍ଥିତ ଥିଲେ । ତେବେ ଏହି କାର୍ଯ୍ୟକ୍ରମ ରେ ବିଧାୟିକା ପ୍ରାର୍ଥୀ ଙ୍କ ସ୍ୱାମୀ ତଥା ବର୍ତ୍ତମାନ ର ବିଧାୟକ ସମ୍ବିତ ରାଉତରାୟ ଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା ।

## ଅସମ୍ଭାଳ ତାତି ପରେ ଆସିଲା କାଳବୈଶାଖୀ; ବର୍ଷିଲା

ଭୁବନେଶ୍ୱର,୨୯।୪(ପି.ଏନ): ଦିନ ସାରା ତତାଇଲା। ଆଉ ସନ୍ଧ୍ୟାବେଳେ ବର୍ଷିଲା, ଉଡାଇଲା ଓ ଭାଙ୍ଗିଲା। ଭୀଷଣ ତାତିରେ ସାରା ରାଜ୍ୟ ଥରହର ହେଉଥିବା ବେଳେ କାଳବୈଶାଖୀର ତାଣ୍ଡବ ରୂପ ଦେଖିବାକୁ ମିଳିଛି ଗଜପତି ଜିଲ୍ଲାରେ। ୧୦ରୁ ଅଧିକ ଘର ଭାଙ୍ଗିଥିବା ବେଳେ କାନ୍ଥ ଭୁଶୁଡି ଜଣେ ଆହତ ହୋଇଛନ୍ତି। ବଡ ବଡ ଗଛ ଭାଙ୍ଗି ରାସ୍ତାରେ ପଡିଥିବା ଦେଖିବାକୁ ମିଳିଛି।ଆଜି ଦିନ ତମାମ ଗଜପତି ଜିଲ୍ଲାରେ ଅସମ୍ଭାଳ ତାତି ଦେଖିବାକୁ ମିଳିଥିଲା। ଯେଉଁଥିପାଇଁ ଅସ୍ତବ୍ୟସ୍ତ ହୋଇଥିଲା ଗ୍ରାମୀଣ ଜୀବନଯାତ୍ରା। ଘରୁ ବାହାରିବା କଷ୍ଟକର ହେଉଥିଲା। ତାପମାତ୍ରା ୪୧.୭ ଡିଗ୍ରୀ ରେକର୍ଡ କରାଯାଇଥିଲା। ହେଲେ ସନ୍ଧ୍ୟା ବେଳେ ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ତା'ପରେ ବର୍ଷା ସାଙ୍ଗକୁ କାଳବୈଶାଖୀ ହୋଇଥିଲା। ଉଡି ଯାଇଥିଲା ଘରର ଛାତ, ଭାଙ୍ଗିଥିଲା ବଡ ବଡ ଗଛ।



## ଶାହଙ୍କ ଫେକ୍ ଭିଡିଓ ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ ସମନ

ଭୁବନେଶ୍ୱର,୨୯।୪(ପି.ଏନ): ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଏକ ଫେକ୍ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ମାମଲାର ଏବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡିଙ୍କୁ ଦିଲ୍ଲୀ ପୁଲିସ ସମନ କରିଛି। ଆସନ୍ତା ମେ' ୧ ତାରିଖରେ ତାଙ୍କୁ ପଚରାଉଚରା କରିବା ପାଇଁ ଡକାଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ସାଙ୍ଗରେ ନିଜ ମୋବାଇଲ୍ ଆଣି ଆସିବାକୁ ମଧ୍ୟ କୁହାଯାଇଛି। ପ୍ରକୃତରେ ଅମିତ ଶାହଙ୍କ ଭାଷଣର ଏକ ଫେକ୍ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଯଦି ଭାରତୀୟ ଜନତା ପାର୍ଟିର ସରକାର ଗଠନ ହୁଏ ତେବେ ଅସାମ୍ବିଧାନିକ ଏସ୍‌ସି, ଏସ୍‌ଟି ଓ ଓବିସି ସଂରକ୍ଷଣକୁ ସମାପ୍ତ କରିଦିଆଯିବ ବୋଲି ଏଥିରେ ସେ କହୁଥିବା ନଜର ଆସିଛନ୍ତି। ଶାହଙ୍କ ଏହି ଫେକ୍ ଭିଡିଓ ସାମ୍ନାକୁ ଆସିବା ପରେ ବିବାଦ ଉପୁଜିଛି।



### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୯ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## ଉତ୍ତର ଭୁବନେଶ୍ୱରରେ କଂଗ୍ରେସର କର୍ମୀସମିଳନୀ

ଭୁବନେଶ୍ୱର ,୨୯।୪(ପି.ଏନ): ସ୍ଥାନୀୟ ଚନ୍ଦ୍ରଶେଖରପୁର ଲୁମ୍ବିନବିହାର ଠାରେ ଗତକାଲି ରାତ୍ରରେ ଶତାଧିକ କର୍ମୀଙ୍କୁ ନେଇ କର୍ମୀସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ୨୫ଟି ୱାର୍ଡରେ ସଭାପତି, ସମସ୍ତ ବ୍ଲକର ସଭାପତି ଓ କର୍ମକର୍ତା, ପାଂଚପଂଚାୟତର କର୍ମକର୍ତା ଓ ବିଭିନ୍ନ ଅଂଚଳର ବରିଷ୍ଠ କର୍ମୀମାନେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରଦେଶ କଂଗ୍ରେସ କମିଟି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଯୋଗଦେଇ ତାଙ୍କ ଭାଷଣରେ କହିଲେ ରାଜ୍ୟ ଓ କେନ୍ଦ୍ର ସରାକରଙ୍କୁ ମିଛୁଆ ରାଧୁଆ ଆଖ୍ୟା ଦେଇଥିଲେ। ଓଡ଼ିଶାରେ ଯାହା କିଛି ଉନ୍ନତି ହୋଇଛି କଂଗ୍ରେସ ସରକାର ସମୟରେ ହୋଇଛି ଏମାନେ ତାହା ମିଥ୍ୟା କଥା କହୁଛଁି। ଏମାନେ କେବଳ ଓଡ଼ିଶାର ଖଣି ଲୁଟୁଛନ୍ତି। ଆଗାମୀ ସାଧାରଣ ନିର୍ବାଚନ କଂଗ୍ରେସର ଉପଯୁକ୍ତ ବିଧାୟକ ପ୍ରାର୍ଥୀଭାବେ ଅଶୋକ ଦାସଙ୍କୁ କଂଗ୍ରେସ ଦଳ ଟିକେଟ ଦେଇଛି ସମସ୍ତ କର୍ମୀ ଏକତ୍ରିତ ହୋଇ ଲଢ଼ିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ତାଙ୍କ ଭାଷଣରେ କଂଗ୍ରେସ ଗ୍ୟାରେଂଟି କାର୍ଡକୁ ଭୋଟରଙ୍କ ପାଖରେ ପଂହଚାଇବାକୁ ୱାର୍ଡ, ପଂଚାୟତ ଓ ବ୍ଲକ କଂଗ୍ରେସର କର୍ମକର୍ତା ମାନଙ୍କୁ ପରାମର୍ଶ ଦେଇଥିଲେ। ତୁର' ବୁଥ କମିଟି ସମ୍ମିଳନୀ କରି ତାଙ୍କୁ ତାଲିମ ପ୍ରଦାନ କରି ବୁଥ ଜଗିବାପାଇଁ କହିଥିଲେ। ଆମ ପ୍ରାର୍ଥୀ ଅଶୋକ ଏକ ଟାଣୁଆ ସଂଗଠକ ତାଙ୍କ ପଛରେ ସମସ୍ତଙ୍କ ସମର୍ଥନ ଅଛି ତେଣୁ ଆପଣମାନେ ତାଙ୍କୁ ସମସ୍ତ ସହଯୋଗ କରି ଜିତାଇବାକୁ ଆହ୍ୱାନ ଦେଇଥିଲେ। ପ୍ରାର୍ଥୀ ଅଶୋକ ଦାସ ଉପସ୍ଥିତ କର୍ମୀମାନଙ୍କୁ ସମ୍ବୋଧିତ କରି କହିଲେ ମୁଁ ନିର୍ବାଚନ ଏକା ଲଢୁନାହିଁ, ମୁଁ ନିମିଷ ମାତ୍ର କିଂୁ ଆପଣମାନେ ଜଣେ ଜଣେ ଅଶୋକ ଦାସ ହୋଇ ନିର୍ବାଚନ ଲଢୁଛଁି। ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି। ଆଜି ଦରଦାମ ଆକାଶଛୁଆଁ, ଯୁବ ସମାଜ ଆଜି ହତାଶ, ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛଁି। ନିଯୁକ୍ତି କ୍ଷେତ୍ରରେ ବିଜେଡ଼ି ବିଜେପି ବାହସ୍ୱପୋଟ ମାରୁଥିଲେ କିଂୁ ସଂପୂର୍ଣ୍ଣ ବିଫଳ, ଭୁବନେଶ୍ୱରରେ ମଂଚେଶ୍ୱର ଶିଳ୍ପାଂଚଳ, ରସୁଲଗଡ଼ ଶିଳ୍ପାଂଚଳ, ଚନ୍ଦକା ଶିଳ୍ପାଂଚଳ ଓ ରେଲୱେ ୱାଗନ କାରଖାନା କଂଗ୍ରେସ ସରକାର କରିଛି। କିଟ, ଆଇଟିଆର ଭଳି ଯେତେ ଶିକ୍ଷାନୁଷ୍ଠାନ ଓ ମେଡିକାଲକୁ କଂଗ୍ରେସ ସରକାର ଯାଗା ଦେଇଛି। ଡୁମୁଡୁମା, ରସୁଲଗଡ଼, ଚନ୍ଦ୍ରଶେଖରପୁର, ନିଳାଦ୍ରୀବିହାର ପ୍ରଭୃତି ହାଉସିଂ କଲୋନୀ କଂଗ୍ରେସ କରିଥିବାରୁ ଭୁବନେଶ୍ୱର ଆଜି ଜନପୂର୍ଣ୍ଣ। ଏମାନେ ଭୁବନେଶ୍ୱର କ'ଣ ରାଜ୍ୟପାଇଁ ବି କିଛି କରିନାହାଁି। ଓଡ଼ିଶାରେ କଂଗ୍ରେସ ସରକାର ଆସିଲେ ବେକାରୀଭତା, ମହିଳା ଭତା ଓ କୃଷକ ଭତା ତିନି ହଜାର କରି ଦିଆଯିବ ବୋଲି କହିଥିଲେ। ପ୍ରତି ମାସରେ ୫ ଶହ ଟଙ୍କାରେ ଗ୍ୟାସ ସିଲିଣ୍ଡର ଓ ୨୫ଲକ୍ଷ ସ୍ୱାସ୍ଥ୍ୟ ବୀମା ଦିଆଯିବ। ଆପଣମାନେ ଗ୍ୟାରେଂଟି କାର୍ଡ ବିଷୟରେ ଓ ରାହୁଲ ଗାନ୍ଧୀଙ୍କ ଆଜିର ଭାଷଣ ଗଳି କନ୍ଦିରେ ଆଲୋଚନା କଲେ ଆମର ନିଶ୍ଚିତ ବିଜୟ ହେବ। ଏହି ସମ୍ମିଳନୀକୁ ତି ବ୍ରହ୍ମାନନ୍ଦ ସାହୁ ପରିଚାଳନା କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ସୁବ୍ରତ ମହାପାତ୍ର, ସମ୍ପାଦକ ଆଶିଷ ମଲ୍ଲିକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଗିତାଳି ମହାଁି, ପ୍ରାଚୀ ରାଉତରାୟ, ଅକ୍ଷୟ ମହାଁି, ପ୍ରଶନ୍ନ ନାୟକ, ସିଲି ସେଠୀ, ଅନିଲ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଥିଲେ। ବ୍ଲକ (୧) ସଭାପତି ମନୋରନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧିରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଣ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ହେବାର ବେଳ

ଆମ ଦେଶରେ ଜନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅବସ୍ଥା ଅତି ଖରାପ ରହିଛି। ଏପରିକି ଅବସ୍ଥା ଦିନକୁ ଦିନ ଖରାପ ହୋଇ ଚାଲିଛି। ଜଣାପଡ଼ିଛି ଯେ, ୨୦୪୬ ଲୋକସଂଖ୍ୟାରେ ହସ୍ପିଟାଲରେ କେବଳ ଗୋଟିଏ ବେଡ୍ ମିଳିପାରୁଛି। ସେହିପରି ୯୦,୩୪୩ ଲୋକ ସଂଖ୍ୟାରେ ମାତ୍ର ଗୋଟିଏ ହସ୍ପିଟାଲ ଉପଲବ୍ଧ ହୋଇଥାଏ। ସେହିପରି ଦେଶର ୧୦ ଲକ୍ଷ ଡ଼ାକ୍ତରରେ ମାତ୍ର ୧୦ ଶତକଡ଼ା ସରକାରୀ ସ୍ୱାସ୍ଥ୍ୟସେବାରେ ଅଛନ୍ତି। ଆମ ହସ୍ପିଟାଲ ଗୁଡ଼ିକର ଅବସ୍ଥା କେତେ ଯେ, ଖରାପ, ତାହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ବାସ୍ତବତା ହେଲା, ଆମ ସରକାରୀ ଡ଼ାକ୍ତରଖାନାରେ ମଜଭୁତ ଭିତିଭୂମି, ଉପଯୁକ୍ତ ପରିଚାଳନା, ଆବଶ୍ୟକ ଦକ୍ଷ କର୍ମଚାରୀ ଓ ସଫା ସୁତୁରାରେ ବହୁ ପଛରେ ରହିଛି।

ଆମ ଦେଶର ଲୋକସଂଖ୍ୟାର ୨୨.୪ ଶତକଡ଼ା ଏବେ ବି ଗରୀବୀ ରେଖା ତଳେ ରହିଛନ୍ତି, ଯେଉଁମାନେ ସ୍ୱାସ୍ଥ୍ୟସେବା ପାଇଁ ସଂପୂର୍ଣ୍ଣ ଭାବେରେ ସରକାରଙ୍କ ଉପରେ ନିର୍ଭରଶୀଳ। ମାତ୍ର ସେମାନେ ସରକାରୀ ହସ୍ପିଟାଲରେ ଘୋର ଅବ୍ୟବସ୍ଥା ମଧ୍ୟରେ ରହୁଛନ୍ତି। ରୋଗୀ ମାନଙ୍କର ଉପଯୁକ୍ତ ଚିକିତ୍ସା ଓ ସେବା ପାଇଁ କାହାର ଦୃଷ୍ଟି ପଡୁନାହିଁ।

୨୦୧୭-୧୮ରେ ଭାରତ ନିଜ ଜିଡ଼ିପିର ୧.୨୮ ଶତକଡ଼ା ଖର୍ଚ୍ଚ କରିଥିବା ବେଳେ ୨୦୧୬-୧୭ରେ ୧.୦୨ ଶତକଡ଼ା ଥିଲା। ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଆମେ ସ୍ୱାସ୍ଥ୍ୟସେବା ବାବଦରେ

ସହରାଂଚଳର। ଆମ ଆଶ୍ଚର୍ଯ୍ୟର କଥା ଯେ, ଆମ ଦେଶର ୩୯ ଶତକଡ଼ା ଗରୀବ ଲୋକଙ୍କୁ କୌଣସି ପ୍ରକାର ଡ଼ାକ୍ତରଖାନାର ସୁବିଧା ମିଳେନାହିଁ। ଏହାର ଅର୍ଥ ଆମ ଦେଶର ଏକ-ତୃତୀୟାଂଶ ଲୋକେ ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଂଚିତ ରହୁଛନ୍ତି। ଅବଶ୍ୟ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରାଗଲେ, ଏଭଳି ଅବସ୍ଥାକୁ ଏଡ଼ାଇ ଦିଆଯାଇ ପାରିବ। ତେବେ ମଜଭୁତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହୋଇପାରୁ ନଥିବାରୁ ଲୋକମାନଙ୍କୁ ଘରୋଇ ହସ୍ପିଟାଲର ସାହାରା ନେବାକୁ ପଡୁଛି, ଯାହା ଏତେ ମହଙ୍ଗା ଯେ, ଲୋକେ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟତଃ ସରକାର ଏ ବାବଦରେ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ରହିଛି। ସରକାରୀ ସ୍ୱାସ୍ଥ୍ୟ ଭିତିମୂମିରେ ଏଭଳି ପରିବର୍ତ୍ତନ କରାଯିବା ଉଚିତ, ଯେମିତି ସ୍ୱାସ୍ଥ୍ୟସେବା ଉଚ୍ଚ ଗୁଣମାନର ହୋଇପାରିବ। ଏଥି ସହିତ ସରକାର ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଉଚିତ ଓ ମନଇଚ୍ଛା ରୋଗୀ ମାନଙ୍କୁ ଶୋଷଣ କରୁଥିବା ଘରୋଇ ଡ଼ାକ୍ତରଖାନା ଗୁଡ଼ିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏପରିକି କେଉଁ ଚିକିତ୍ସା ପାଇଁ କେତେ ଟଙ୍କା ରୋଗୀଙ୍କୁ ଦେବାକୁ ପଡ଼ିବ, ତାହା ସରକାର ନିର୍ଦ୍ଧାରଣ କରିବା ଉଚିତ। ଅନ୍ୟଥା ସଂପୃକ୍ତ ଘରୋଇ ହସ୍ପିଟାଲ୍ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ମୁଖ୍ୟତଃ ଘରୋଇ ହସ୍ପିଟାଲ୍‌ରେ ଦିଆଯାଉଥିବା ସୁବିଧା ଓ ଚିକିତ୍ସା ପାଇଁ

ଠାରୁ ବହୁ ଅଧିକ ଅର୍ଥ ଆଦାୟ କରାଯାଏ। ଫ୍ରାନ୍ସରେ ସେଠାକାର ସ୍ୱାସ୍ଥ୍ୟବ୍ୟବସ୍ଥା ଟିକେ ଭିନ୍ନ। ସେଠାରେ ପ୍ରତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଇନ୍ସୁରାନ୍ସ କରାଯିବା ଜରୁରୀ। ଏହି ବ୍ୟବସ୍ଥା କୌଣସି ଲାଭ ପାଇଁ ନୁହେଁ ଓ ଏଥିପାଇଁ ସରକାରୀ ଟାକ୍ସରୁ ଫଣ୍ଡ ଦିଆଯାଏ। ଏହି ଇନ୍ସୁରାନ୍ସ ୭୦ରୁ ୮୦ ଶତକଡ଼ା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ ଭରଣା କରିଥାଏ ଓ ବାକି ଖର୍ଚ୍ଚ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ପୁରା କରା ଯାଇଥାଏ। ଏଥିଯୋଗୁ ଲୋକ ମାନେ ଚିକିତ୍ସା ପାଇଁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡ଼େନାହିଁ। ବାସ୍ତବରେ ୯୫ ଭାଗ ଲୋକେ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ହାସଲ କରନ୍ତି। ସେଠାରେ ସରକାର ଔଷଧ ଓ ଅନ୍ୟ ମେଡ଼ିକାଲ ଖର୍ଚ୍ଚ ର ମୂଲ୍ୟ ନିର୍ଦ୍ଧାରିତ କରନ୍ତି। ଏଥିପାଇଁ ସରକାର ନିଜ ଜିଡ଼ିପୀ ର ୧୧.୮ ପ୍ରତିଶତ ଖର୍ଚ୍ଚ କରିଥାନ୍ତି।

ଅଧିକ ଡ଼ାକ୍ତର ପଞ୍ଜିକୃତ ନୁହନ୍ତି ଓ ଏଲୋପାଥିରେ ସେମାନଙ୍କ ପାଖରେ କୌଣସି ଡ଼ିଗ୍ରୀ ନାହିଁ। ଅବଶ୍ୟ ବଡ଼ ସହରମାନଙ୍କରେ ଅବସ୍ଥା ଭଲ ଅଛି। ପ୍ରାୟତଃ ସହରଗୁଡ଼ିକରେ ୫୮ ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ଥିବାବେଳେ ଗ୍ରାମାଂଚଳରେ ମାତ୍ର ୧୮ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ପଞ୍ଜିକୃତ ଅଟନ୍ତି। ତେବେ ଭାରତ ସ୍ୱାସ୍ଥ୍ୟସେବା ପାଇଁ ନିଜ ଜିଡ଼ିପିର ୧.୨ ଶତକଡ଼ା ଖର୍ଚ୍ଚ କରୁଛି, ଯାହା, ମ୍ୟାଁମାର, ପାକିସ୍ତାନ ଓ କମ୍ବୋଡ଼ିଆ ଠାରୁ ସାମାନ୍ୟ ଅଧିକ। ଆମ ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଗଲେ ଅତି ଦୁଃଖ ଲାଗିବ। ସାରା ଦେଶରେ ସ୍ୱାସ୍ଥ୍ୟ ଭିତିଭୂମିର ଘୋର ଅଭାବ ରହିଥିବା ଜଳଜଳ ଦେଖାଯାଉଛି। ଭିତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟାରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା





ବହୁ କମ୍ ଖର୍ଚ୍ଚ କରୁଛେ। ଆମେରିକା ତା'ର ଜିଡ଼ିପିର ୧୮ଶତକଡ଼ା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛି, ଯାହା ବାର୍ଷିକ ମୁଣ୍ଡପିଛା ୧୦,୦୦୦ ଡ଼ଲାର ଅଟେ। ଭାରତର ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ବ୍ରିକ୍ସ ଦେଶ ମାନଙ୍କଠାରୁ ମଧ୍ୟ କମ୍ ରହିଛି। ତେବେ ଭାରତର ବର୍ତମାନ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ୨୦୨୫ ମଧ୍ୟରେ ଦେଶର ଜିଡ଼ିପିର ୨.୫ ପ୍ରତିଶତ ଖର୍ଚ୍ଚ କରାଯିବ। ମାତ୍ର ଏହା ମଧ୍ୟ ଅଧିକ କିଛି ନୁହେଁ। ୨୦୧୩-୧୪ରେ କରାଯାଇଥିବା ସର୍ଭେ (ଏନ୍‌ଏସ୍‌ଏସ୍‌ଓ) ଅନୁଯାୟୀ ଭାରତରେ ୩୬ ମିଲିୟନ ପରିବାର ସବୁଠୁ ମାରାତ୍ମକ ରୋଗ ପାଇଁ ଖର୍ଚ୍ଚ କରନ୍ତି। ଏମାନଙ୍କ ମଧ୍ୟରେ ୨୫ ମିଲିୟନ ପରିବାର ଗ୍ରାମାଂଚଳର ଏବଂ ୧୧ ମିଲିୟନ

ନିଆଯାଉଥିବା ଫିସ୍ ତୁରନ୍ତ ନିୟନ୍ତ୍ରଣ ହେବା ଉଚିତ। କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। କୌଣସି ଦେଶ ସେ ପର୍ଯ୍ୟନ୍ତ ସମୃଦ୍ଧ ଓ ସୁଖି ହେବନାହିଁ, ଯେପର୍ଯ୍ୟନ୍ତ ନାଗରିକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନମିଳିବ। ବିଶ୍ୱର କେତେକ ଉନ୍ନତ ଦେଶରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବେଶ ଉଚ୍ଚ ମାନର। ଲଣ୍ଡନର ସାର୍ବଜନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତି ଉନ୍ନତ। ସେଠାକାର ସରକାରୀ ଡ଼ାକ୍ତରଖାନା ୮୦ ଶତକଡ଼ାରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକାଲ୍ କର୍ମଚାରୀଙ୍କ ବେତନ ସରକାର ନିର୍ଦ୍ଧାରଣ କରିଥାନ୍ତି। ଜାପାନରେ ସେଠାକାର ସରକାର ଘରୋଇ ଡ଼ାକ୍ତରଙ୍କ ସେବା ପାଇଁ ଫିସ୍ ନିର୍ଦ୍ଧାରିତ କରିଥାନ୍ତି। ଏହାଦ୍ୱାରା ସେଠାରେ ଡ଼ାକ୍ତର ମାନେ ରୋଗୀଙ୍କ ଠାରୁ ଅଧିକ ଫିସ୍ ନେଇ ପାରନ୍ତି ନାହିଁ। ଆଉ ଏଥିରେ ଖିଲାପ କରୁଥିବା ଡ଼ାକ୍ତରଙ୍କ

ସେହିପରି ସୁଇଜରଲାଣ୍ଡରେ ଉନ୍ନତ ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାକୁ ମିଳେ। ଏପରିକି ସେଠାରେ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଲାଗେ। ସେଠାରେ ପ୍ରାଇଭେଟ କଂପାନୀ ମାନେ ଇନ୍ସୁରାନ୍ସ ଯୋଗାଇ ଦିଅନ୍ତି, ଯାହାକୁ ନେବା ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ ଅଟେ। ତେବେ ଏହା ଲାଭ ସହ ଆଦୌ ସଂପୃକ୍ତ ନୁହେଁ। କିନ୍ତୁ କେତେକ ଜରୁରୀ ସେବା ଓ ହସ୍ପିଟାଲ ପାଇଁ କଂପାନୀମାନେ ଲାଭ ନିଅନ୍ତି।

ତେବେ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦେଖାଗଲେ, ବାସ୍ତବରେ ଆଶ୍ଚର୍ଯ୍ୟ ଲାଗିବ। କାରଣ ଭାରତରେ ୧.୩ ବିଲିୟନ ଲୋକଙ୍କ ପାଇଁ ମାତ୍ର ୧୦ ଲକ୍ଷ ପଞ୍ଜିକୃତ

ହସ୍ପିଟାଲ୍ ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ମାତ୍ର ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ଆମ ସ୍ୱାସ୍ଥ୍ୟ ପ୍ରଶାସନ ବିଶେଷ ଦୃଷ୍ଟି ଦେଉନାହିଁ। ସାରା ଦେଶରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। ହେଲେ ଦେଶରେ ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଯୋଜନାଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ( ?), କେହି କିଛି ଜାଣିପାରୁନାହାଁନ୍ତି। କେବଳ ଜଳଜଳ ଦେଖାଯାଉଛି, ସାରା



ଡ଼ାକ୍ତର ଅଛନ୍ତି। ଆମର ଏଠାରେ ୧୦,୧୮୯ ଲୋକ ସଂଖ୍ୟାରେ ଜଣେ ମାତ୍ର ସରକାରୀ ଏଲୋପାଥିକ ଡ଼ାକ୍ତର ଅଛନ୍ତି, ଆଉ ଯଦିଓ ମେଡ଼ିକାଲ୍ କାଉନସିଲ୍ ଅଫ ଇଣ୍ଡିଆର କଥାକୁ ସତ୍ୟ ଧରାଯାଏ, ତେବେ ଭାରତରେ ଅଧାରୁ

ଦେଶରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି। ତେବେ ଭାରତୀଙ୍କ ପାଇଁ ଏହି ମୌଳିକ ସମସ୍ୟା କେବେ ସମାଧାନ ହେବ, ତାହା ଭଜବାନଙ୍କ ଇଚ୍ଛା।

# -ଗୋଲୋ ଡାଏଟ-



ଡାଏଟ ଅନୁସରଣ କରୁଥିବା ବ୍ୟକ୍ତିଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ଖାଦ୍ୟପେୟ ପ୍ରତି ପ୍ରତିବନ୍ଧକ ଥାଏ। ହେଲେ ଗୋଲୋ ଡାଏଟରେ ଏହା ନଥାଏ। ଗୋଲୋ ଡାଏଟରେ ସବୁ ପ୍ରକାର ଖାଦ୍ୟ ଖାଇ ହୁଏ। କିନ୍ତୁ ଏହା ସ୍ୱାସ୍ଥ୍ୟକର ହୋଇଥିବା ଦରକାର। ଏବେ ଅନେକ ମଧୁମେହ ରୋଗୀମାନେ ଏହି ଗୋଲୋ ଡାଏଟ ଅନୁସରଣ କରୁଛନ୍ତି। ବିଶେଷଜ୍ଞମାନେ କୁହନ୍ତି, ଗୋଲୋ ଡାଏଟ ଅନୁସରଣ କରି ମଧୁମେହ ରୋଗୀ ଓଜନ କମ କରିପାରିବେ। ଅନ୍ୟ ଡାଏଟ ପରି ଏହି ଡାଏଟ ମଧ ଓଜନ କମାଇବାରେ ସହାୟକ ହୋଇଥାଏ। କିନ୍ତୁ ଗୋଲୋ ଡାଏଟ ଓଜନ କମ କରିବା ସହିତ ମଧୁମେହ ରୋଗୀଙ୍କ ପାଇଁ ମଧ ଲାଭଦାୟକ ହୋଇଥାଏ। କାରଣ ଗୋଲୋ ଡାଏଟ ସର୍କରା ସ୍ତରକୁ ନିୟନ୍ତ୍ରିତ ରଖିଥାଏ। ଏହି ଡାଏଟ ହରମୋନକୁ ନିୟମିତ କରିବା ସହ ମେଟାବଲଜିମ୍ ବଢ଼ାଇଥାଏ। ଏହି ଡାଏଟରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ପଡ଼ିଥାଏ। ଏହା ସହିତ ବ୍ୟାୟାମ ମଧ କରିବାକୁ ହୋଇଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଗୋଲୋ ଡାଏଟରେ କମ ଗ୍ଲାଇସେମିକ ଖାଦ୍ୟ ଗ୍ରହଣ କରାଯାଏ। ଏଥିରେ ଅଧିକାଂଶ ଏମିତି ଖାଦ୍ୟପଦାର୍ଥ ଥାଏ ଯାହା ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରିନଥାଏ। ଫ୍ୟାଟ ନଷ୍ଟ କରିଥାଏ ଏବଂ ମେଟାବଲିଜମ ବୃଦ୍ଧି କରିବାରେ ସାହାଯ୍ୟ କରେ। ଡାଏଟସିଆନ କୁହନ୍ତି, ଏହି ଡାଏଟରେ ଅନ୍ୟ ଡାଏଟ ତୁଳନାରେ ୨୦ରୁ ୩୦% ଅଧିକ ଖାଦ୍ୟ ମିଳିଥାଏ। ଯେଉଁଥିପାଇଁ ମେଟାବଲିଜମ ବୃଦ୍ଧି ପାଏ। ଏହି ଡାଏଟରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏହା ୯୦ ଦିନର ଡାଏଟ ପ୍ଲାନ ହୋଇଥାଏ। ଏହି ଡାଏଟରେ ନିରାମିଷ ଖାଦ୍ୟ ପଦାର୍ଥ ମଧ ସାମିଲ କରାଯାଏ। ପନିପରିବା ସହିତ ମାଂସର ମିଶ୍ରଣ ଶରୀରକୁ ସବୁ ପୋଷକ ତତ୍ତ୍ୱ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ। ଏଥିରେ କ୍ୟାଲୋରି ମଧ ନିୟନ୍ତ୍ରଣରେ ରହିଥାଏ। କ୍ୟାଲୋରି ନିୟନ୍ତ୍ରଣ ରହିବା କାରଣରୁ ଓଜନ ସହଜରେ କମାଇ ହୋଇଥାଏ। ତେବେ ଏହି ଡାଏଟରେ କେବଳ ସଠିକ ଆହାର ନୁହେଁ ବରଂ ବ୍ୟାୟାମର ମଧ ଆବଶ୍ୟକତା ରହିଛି। ସେଥିପାଇଁ ମଧୁମେହ ରୋଗୀ ଏହି ଡାଏଟ ଅନୁସରଣ କରିଥାନ୍ତି। ଏହି ଡାଏଟରେ ପ୍ରଚୁର ମାତ୍ରାରେ ଫଳ, ପନିପରିବା, ମାଛ, ମାଂସ, ଅଣ୍ଡା ସାମିଲ କରାଯାଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଖଣିଜ, ଏବଂ ଖାଦ୍ୟସାର ରହିଥାଏ। ଏହି ଡାଏଟ ସ୍ୱାସ୍ଥ୍ୟ ଏବଂ ତ୍ୱଚାକୁ ସୁସ୍ଥ ଓ ସତେଜ ରଖିଥାଏ। ଏହି ଡାଏଟ ଅନ୍ତର୍ଗତ ମନଇଚ୍ଛା ଖାଦ୍ୟ ଖାଇବା ଅନୁଚିତ। ଡାକ୍ତରୀ ପରାମର୍ଶରେ ସୁଷମ ଖାଦ୍ୟ ଖାଆନ୍ତୁ। ଆପଣଙ୍କ ଖାଦ୍ୟ ତାଲିକାରେ ପନିପରିବା, ଫଳ ଓ ଫାଷ୍ଟଫୁଡ ଠାରୁ ଦୂରେଇ ରୁହନ୍ତୁ। ସମସ୍ତ ପ୍ରକାର ନିଶା ଦ୍ରବ୍ୟ ସେବନ ଠାରୁ ଦୂରେଇବା ସହ ଯୋଗ ଅଭ୍ୟାସ, ବ୍ୟାୟାମ ଓ ପ୍ରାଣାୟାମ ଖୁବ ଭଲ ଏ ଦିଗରେ ସଚେତନ ରହିବା ବାଞ୍ଛନୀୟ।

# ସାହିତ୍ୟ ସୃଷ୍ଟି ଓ ଆମର ଦାୟିତ୍ୱ

ସାହିତ୍ୟ ହେଉଛି ଜାତୀୟ ଜୀବନର ମୃତ୍ୟୁ ସଞ୍ଜିବନୀ। ମାନବ ଇତିହାସର ସୁଦୀର୍ଘ ପରମ୍ପରାରେ ସାହିତ୍ୟ ହିଁ ତାର ସର୍ବଶ୍ରେଷ୍ଠ ସମ୍ପତ୍ତି। ସଭ୍ୟତା ଓ ସଂସ୍କୃତିର ଉତ୍କର୍ଷ ସାହିତ୍ୟକୁ ନେଇ କଳନା କରାଯାଏ। ସାହିତ୍ୟ ହିଁ ସମାଜକୁ ପ୍ରଗତି ପଥରେ ଆଗେଇନେବା ପାଇଁ ଆଲୋକବର୍ତ୍ତିକା ଓ ଅବକ୍ଷୟୀ ସମାଜକୁ ଉଦ୍ଧାର କରିବା ନିମନ୍ତେ ରକ୍ଷାକବଚ ସଦୃଶ। ଏକଦା ଉତ୍କଳମଣି ଗୋପବନ୍ଧୁଙ୍କ ବାଣୀ– "ଜୀବନ ଥିବା ଯାଏଁ ପାତିବା ନାହିଁ ହାତ, ମଣିଷ ପରି ଦିନେ ମଣିଷ ହୋଇବାତ" ଝଙ୍କୃତ ହୋଇଥିଲା ସତ୍ୟବାଦୀର ବକୁଳବନରେ, ଛୁରୀଅନା କୁଞ୍ଜରେ। ସେଠି ନଥିଲା ଆକର୍ଷଣୀୟ ତ୍ରିତଳ ପ୍ରାସାଦ, ନଥିଲା ସୌଖୀନ ଟେବୁଲ ଚେୟାର, ଆରାମଦାୟକ ଛାତ୍ରାବାସ ବା ବିରାଟ ପାଠାଗାର। କେବଳ ଥିଲା ସୁଷମାମଣ୍ଡିତ ସବୁଜ ବନାନୀ, ଶାନ୍ତ, ଶୀତଳ, ନିର୍ମଳ ପରିବେଶ ଓ ଥିଲେ କିଛି ଆଦର୍ଶ ଶିକ୍ଷକ। ଆଜି ଛାତ୍ରସମାଜ ବିଶୃଙ୍ଖଳିତ, ପରିବେଶ ପ୍ରଦୂଷିତ, ଶିକ୍ଷକମାନଙ୍କ ପାଖରୁ ହଜିଯାଇଛି ସେତେବେଳର ଆଦର୍ଶ, ତ୍ୟାଗ। ଭାଷାର ଭବିଷ୍ୟତ ମଧ ଦୋଦୁଲ୍ୟମାନ ଅବସ୍ଥାରେ। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ମାନବ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ବିକାଶ ପାଇଁ ଏକମାତ୍ର ମହୌଷଧି ହେଲା ସତ୍ ସାହିତ୍ୟର ସୃଷ୍ଟି, ପଠନ, ପ୍ରସାର ଓ ପ୍ରୟୋଗ। ଜୀବନକୁ ସଜାଡ଼ି ଦିଏ ସାହିତ୍ୟ, ସାହିତ୍ୟ ଭରିଦିଏ ଜୀବନରେ ରୂପ, ରସ, ରଙ୍ଗ ଓ ସୌରଭ। ଏ ସମ୍ବନ୍ଧରେ ଛୋଟ କାହାଣୀଟିଏ। "ବସନ୍ତର ମୃଦୁ ମଳୟ। ଜଣେ ଅନ୍ଧ ଭିକାରୀ ରାସ୍ତା ଉପରେ ବସିଥିଲେ। ପାଦ ପାଖରେ ଥୁଆ ହୋଇଥିଲା ଟୋପିଟେ। ସାମ୍ନାରେ ଛୋଟିଆ ବୋର୍ଡ଼ରେ ଲେଖା ହୋଇଥିଲା–ମୁଁ କିଛି ଦେଖିପାରୁନି।ସେ ଟୋପିରେ ଅଳ୍ପ କିଛି ଖୁଚୁରା ପଇସା ପଡ଼ିଥିଲା।

ଏଇ ସମୟରେ ଜଣେ ଲେଖକ ଚିନ୍ତିତ ଅବସ୍ଥାରେ ସେ ରାସ୍ତାରେ ଯାଉଥିଲେ। ସେ ସବୁ ଦୃଶ୍ୟ ଦେଖିଲେ। ସେ ଟୋପିରେ ଆଉ ଅଳ୍ପକିଛି ଖୁଚୁରା ପକେଇଲେ ଏବଂ ବୋର୍ଡ଼ରେ ଲେଖାହୋଇଥିବା ଶବ୍ଦ ବଦଳେଇ ଦେଇ ଚାଲିଗଲେ।

ସଂଜକୁ ସେ ଫେରିଲେ ଓ ଦେଖିଲେ ଟୋପିଟି ଖୁଚୁରା ପଇସାରେ ଭର୍ତ୍ତି ହୋଇଯାଇଛି।

ଭିକାରୀ ଜଣକ ପଚାରିଲା–ଆପଣ ସେଇ ମଣିଷ ଯିଏ ଲେଖା ବଦଳେଇ ଦେଇ ଯାଇଥିଲେ ?

ଉତ୍ତର ଆସିଲା – ହଁ।

– କଣ ଲେଖିଥିଲେ ଆପଣ ?

– ମୁଁ ଖାଲି ଶବ୍ଦ ମିଶେଇଥିଲି। ତୁମେ ଲେଖିଥିଲ ମୁଁ କିଛି ଦେଖିପାରୁନି। ମୁଁ ପରିବର୍ତ୍ତନ କରି ଲେଖିଲି – ଏ ସୁନ୍ଦର ବସନ୍ତ ଋତୁକୁ ମୁଁ ଦେଖିପାରୁନି। ବାସ୍।"

ଏ ସଂସାରରେ ସବୁଠାରୁ ସତ୍ୟନିଷ୍ଠ, ନିର୍ଭୀକ ଓ ସମାଜ ସଂସ୍କାରକ ଯଦି କିଏ ଥାଏ, ସିଏ ହେଲା ସାହିତ୍ୟିକଟିଏ, କବିଟିଏ। ସେଥିପାଇଁ କୁହାଯାଇଛି, "ଅପାରେ କାବ୍ୟ ସଂସାରେ, କବିରେ ପ୍ରଜାପତିଃ"। ମୁଁ ଅନୁଭବ କରିପାରୁଛି ପିଲାମାନଙ୍କ ଦ୍ୱାରା ପ୍ରଦତ୍ତ ଓ ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକର ମାନ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗୁଛି। ପିଲାମାନଙ୍କ ଭିତରେ ଏହି ଲେଖାଲେଖି କରିବାର କଳାଟି ସଦା ଜାଗ୍ରତ ହୋଇ ରହିବା ଆବଶ୍ୟକ। ଗୋଟିଏ ଦୁଇଟି ଲେଖାରେ ସନ୍ତୁଷ୍ଟ ହୋଇଗଲେ ଆଉ ଆଗକୁ ବଢ଼ିବାର ସ୍ପୃହା ଆସିବ କୁଆଡୁ ? ମହାତ୍ମାଗାନ୍ଧୀ କହିଥିଲେ– "Satisfaction lies inthe effort, not in the attainment. Full effort is full victory."

ସ୍ୱାମୀ ବିବେକାନନ୍ଦ ଚିକାଗୋ ବିଶ୍ୱ ଧର୍ମ ସମ୍ମିଳନୀରେ କହିଥିଲେ, "ଗୋଟିଏ କୂଅରେ ଛୋଟ ବେଙ୍ଗଟିଏ ରହୁଥିଲା। ସେ ସେଠାରେ ଜନ୍ମହୋଇ ବଢ଼ିଥିଲା। କୂଅପାଣିରେ ଜୀବାଣୁ, କୀଟ ଆଦି ଭକ୍ଷଣ କରି ବେଙ୍ଗଟି ଆରାମରେ ମୋଟା ହୋଇ ବଢ଼ିଥିଲା। ଦିନେ ହଠାତ୍ ଆଉ ଗୋଟିଏ ବେଙ୍ଗ ଆସି କୂଅରେ ପଡ଼ିଗଲା। ଏହି ବେଙ୍ଗଟି ସମୁଦ୍ରରୁ ଆସିଥିଲା। ପ୍ରଥମ ବେଙ୍ଗଟି ଦ୍ୱିତୀୟ ବେଙ୍ଗକୁ ପଚାରିଲା – ତୁମେ କେଉଁଠାରୁ ଆସିଛ ? ଦ୍ୱିତୀୟ ବେଙ୍ଗଟି କହିଲା – ମୁଁ ସମୁଦ୍ରରୁ ଆସିଛି। ପ୍ରଥମ ବେଙ୍ଗଟି କହିଲା–ସମୁଦ୍ର, ସେଇଟା କ'ଣ ? ଆମର ଏଇ କୂଅଠାରୁ ମଧ ବଡ଼ କି ? ଏହା କହି ପ୍ରଥମ ବେଙ୍ଗଟି କୂଅର ଗୋଟିଏ ପାଖରୁ ଆର ପାଖକୁ ଡେଇଁପଡ଼ି ପଚାରିଲା–ତମର ସମୁଦ୍ର କ'ଣ ଆମର ଏତେବଡ଼ କୂଅଠୁ ଆହୁରି ବଡ଼ ? ସମୁଦ୍ର ବେଙ୍ଗଟି ହସିଦେଇ କହିଲା–ତୁମେ କ'ଣ କହୁଛ ? ଏହି ଛୋଟିଆ କୂଅଟିକୁ ସମୁଦ୍ର ସଙ୍ଗେ କିପରି ତୁଳନା କରୁଛ ? ଏଇଟା ପାଗଳାମୀ ଛଡ଼ା କିଛି ନୁହେଁ। ଏଥିରେ କୂପ ମଣ୍ଡୁକ ରାଗିଯାଇ କହିଲା–ଏହି ବେଙ୍ଗଟା ମିଥ୍ୟାବାଦୀ। ଆମର କୂଅଠାରୁ କିଛି ବଡ଼ ହୋଇପାରିବ ନାହିଁ। ଏହି ମିଥ୍ୟାବାଦୀ ବେଙ୍ଗକୁ ଚାଲ ବାହାର କରି ତଡ଼ିଦେବା। ତା'ପରେ ସ୍ୱାମିଜୀ କହିଲେ – ଏହା ହେଉଛି ଆମର ସମସ୍ୟା। ମୁଁ ଜଣେ ହିନ୍ଦୁ। ମୁଁ ମୋର ଛୋଟିଆ କୂଅଟିରେ ବସି ଭାବୁଛି ସେଇଟା ହିଁ ସମଗ୍ର ପୃଥିବୀ। ଜଣେ ମୁସଲମାନ ତାର ମୁସଲମାନ କୂଅରେ ବସି ଭାବୁଛି ଯେ ତାର କୂଅଟି ହିଁ ସମଗ୍ର ପୃଥିବୀ। ତା'ପରେ ସ୍ୱାମିଜୀ ତାଙ୍କର ବଜ୍ରଗମ୍ଭୀର ସ୍ୱରରେ ଆମେରିକାବାସୀଙ୍କୁ ଧନ୍ୟବାଦ ଜଣାଇ କହିଲେ ଯେ ଏହିପ୍ରକାର ସୀମିତ, ସଂକୀର୍ଣ୍ଣ ମନୋଭାବର ଉର୍ଦ୍ଧ୍ୱକୁ ଯାଇ ଆମେ ସମସ୍ତେ ଅନନ୍ତ ପରମେଶ୍ୱରଙ୍କ ପ୍ରେମରେ ବୁଡ଼ିଯାଇ ସବୁପ୍ରକାର ବିଭେଦତା, ବିଭିନ୍ନତାକୁ ଭାଙ୍ଗିଦେଇ ଏକ ମହାନ୍ ଆଧ୍ୟାତ୍ମିକ ସ୍ରୋତରେ ମିଳିତ ହୋଇ ଭଗବାନଙ୍କ ନିକଟକୁ ଆଗେଇ ଚାଲିବା। ସମଗ୍ର ମାନବ ସମାଜକୁ ସୁଖ, ଶାନ୍ତି ଏବଂ ସହାବସ୍ଥାନରେ ରହିବା ପାଇଁ ପ୍ରଭୁ ନିଶ୍ଚୟ ସାହାଯ୍ୟ କରିବେ।"

# ଲକ୍ଷ୍ମୀନାରାୟଣ ସ୍ମୃତି ସମ୍ମାନରେ ସମ୍ମାନୀତ କବି ତଥା ସାହିତ୍ୟିକ ଚୈତନ୍ୟ ପ୍ରସାଦ ବେହେରା

ଖୋର୍ଦ୍ଧା (ପିଏନ୍)-କୃତୀ ଶିକ୍ଷକଟିଏ ଦେଶ, ଜାତି ଓ ମାଟିର ଗୌରବ। ଶିକ୍ଷକତା ପରି ପବିତ୍ର ବୃତ୍ତିକୁ ଆଦରି ନେଇଥିଲେ ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ ମିଶ୍ର। ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସ୍ୱର୍ଗତଃ ମିଶ୍ର। ପ୍ରଧାନଶିକ୍ଷକ ଭାବେ ନିଜର ଦକ୍ଷତା ପ୍ରତିପାଦିତ କରି ସେ ଅଧ୍ୟାପକ ଓ ପରେ ଅଧକ୍ଷ ଭାବରେ ତାଙ୍କର ପ୍ରଶାସନିକ ଦକ୍ଷତା, ଶିକ୍ଷାଦାନ ଶୈଳୀ, ସହକର୍ମୀମାନଙ୍କୁ ସାଙ୍ଗରେ ନେଇ ଚାଲିବାର ପ୍ରବୃତ୍ତି, ବୁଦ୍ଧିଜୀବୀମାନଙ୍କୁ ଆପଣାର କରିପାରିବାର ଦକ୍ଷତା ଖୁବ କମ୍ ଲୋକଙ୍କ ପାଖରେ ଥାଏ ବୋଲି ଲକ୍ଷ୍ମୀନାରାୟଣ ସ୍ମୃତି ସମ୍ମାନରେ ସମ୍ମାନୀତ କବି ଚୈତନ୍ୟ ପ୍ରସାଦ ବେହେରା ତାଙ୍କର ପ୍ରାରମ୍ଭିକ ବକ୍ତବ୍ୟରେ କହିଥିଲେ। ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ବିଂଶତମ ବାର୍ଷିକ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ବି.ଡି.ଏ କଲୋନୀରେ ଉତ୍ତର ଓଡିଶାର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ରାଜଗୁରୁ, ମୁଖ୍ୟବକ୍ତା ଭାବେ ରାଜଧାନୀ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ ବୃନ୍ଦାବନ ପଣ୍ଡା, ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ତଥା ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମିଶ୍ରଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଡ. ଚପଳା ପଣ୍ଡା ତାଙ୍କର ବହୁମୁଖୀ ପ୍ରତିଭାକୁ ନେଇ ସୁନ୍ଦର କବିତାଟିଏ ଗାନ କରିଥିଲେ। ଏହି ପରିପ୍ରେକ୍ଷୀରେ 'ଲକ୍ଷ୍ମୀନାରାୟଣ ମିଶ୍ର' ସ୍ମୃତି ସମ୍ମାନ କବି ତଥା ଗୀତିକାର ଚୈତନ୍ୟ ପ୍ରସାଦ ବେହେରା, ସମାଜସେବୀ ଅକ୍ଷୟ କୁମାର ଦାଶ ଓ ଫଟୋ ସାମ୍ବାଦିକ ଦୁର୍ଯ୍ୟୋଧନ ଜେନାଙ୍କୁ ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସ୍ୱର୍ଗତଃ ମିଶ୍ରଙ୍କୁ ଭଲପାଉଥିବା ଉପସ୍ଥିତ ଥିବା ବିମଳ ଚନ୍ଦ୍ର ଷଢଙ୍ଗୀ, ସତ୍ୟବାଦୀ ବଳିୟାର ସିଂହ, ନଗେନ୍ଦ୍ର ଦତ୍ତ, ପ୍ରଫୁଲ୍ଲ ସାମନ୍ତରାୟ, ସନ୍ତୋଷ ନାୟକ, ଗୋପାଳକୃଷ୍ଣ ଦାସ, ନୃସିଂହ ମିଶ୍ର ପ୍ରମୁଖ ସ୍ୱର୍ଗତଃ ମିଶ୍ରଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ମେଜର ମହାନ୍ତି ଶେଷରେ କହିଥିଲେ ସ୍ୱର୍ଗତଃ ମିଶ୍ର ଜଣେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କର ନିର୍ଭୁଲ କାର୍ଯ୍ୟଧାରା ସମସ୍ତଙ୍କ ପାଇଁ ଅନୁକରଣୀୟ। ତାଙ୍କର ଯୋଗ୍ୟ ଦାୟାଦ ସୁଜିତ ମିଶ୍ର ନିଜ ପିତାଙ୍କର ଏହି କାର୍ଯ୍ୟକୁ ଜାରି ରଖିଥିବାରୁ ସେ ତଥା ତାଙ୍କ ପରିବାର ଧନ୍ୟବାଦର ପାତ୍ର। ପ୍ରାରମ୍ଭରେ ସମସ୍ତ ଅତିଥିମାନେ ସ୍ୱର୍ଗତଃ ମିଶ୍ରଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏବଂ ତାଙ୍କ ପବିତ୍ର ଆତ୍ମା ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

# ୫-ଟି ସଚିବଙ୍କ ଖୋର୍ଦ୍ଧା ଶିଳ୍ପାଂଚଳ ଗସ୍ତ

ଖୋର୍ଦ୍ଧା,(ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭିକେ ପାଣ୍ଡିଆନ ଖୋର୍ଦ୍ଧା ଶିଳ୍ପାଚଂଳ,ଫୁଡପାର୍କ ଓ ଜୟମଙ୍ଗଳ ଶିଳ୍ପାଚଂଳ ଗସ୍ତ କରି ଶିଳ୍ପଦ୍ୟୋଗୀ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ୫-ଟି ସଚିବ ଶ୍ରୀ ପାଣ୍ଡିଆନ ସମସ୍ତ ସମସ୍ୟାକୁ ତିନିମାସ ମଧ୍ୟରେ ସମାଧାନ କରିବା ପାଇଁ ଶିଳ୍ପ ବିଭାଗ ଓ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ଖୋର୍ଦ୍ଧା ଶିଳ୍ପାଚଂଳର ପ୍ରାୟ ୫୦ ଜଣ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଅନୁଷ୍ଠାନର ସେମାନଙ୍କ ସଂଘର କର୍ମକର୍ତାମାନେ ଆଲୋଚନାରେ ଭାଗ ନେଇଥିଲେ । ଏଥିରେ ବିଜୁଳି ଓ ପାଣି ଯୋଗାଣରେ ଉନ୍ନତି, ଟ୍ରକଗୁଡିକର ପାର୍କିଂ ସମସ୍ୟା,ଶ୍ରମିକ ମାନଙ୍କ ପାଇଁ ରହଣୀ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାର ଉନ୍ନତି ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତ ଶିଳ୍ପାଚଂଳରେ ଦୁଇ ହଜାରରୁ ତିନି ହଜାର ଶ୍ରମିକ ରହିବା ପାଇଁ ରହଣୀର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତି ହୋଇଥିଲା। କୋଭିଡ ମହାମାରୀ ସମୟରେ ଅନେକ ଶିଳ୍ପାନୁଷ୍ଠାନ କ୍ଷତିର ସମ୍ମୁଖିନ ହୋଇଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ନିତୀ ଆସିବ ବୋଲି ୫-ଟି ସଚିବ କହିଛନ୍ତି। ବୈଠକରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ପରେ ଶ୍ରୀ ପାଣ୍ଡିଆନ ଜୟମଙ୍ଗଳ ଶିଳ୍ପାଚଂଳ ଗସ୍ତ କରି କୋଭିଡ ମହାମାରୀ ସମୟରେ ଚାକିରୀ ଛାଡିଥିବା ଉଚ୍ଚଶିକ୍ଷିତ ଇଂଜିନିୟର ଓ ମ୍ୟାନେଜମେଂଟ ଗ୍ରାଜୁଏଟମାନଙ୍କ ସହ ଆଲୋଚନା କରି ଉଦ୍ୟୋଗ ପ୍ରତିଷ୍ଠା କରି ସେମାନଙ୍କର ଉଦ୍ୟମରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୫-ଟି ସଚିବଙ୍କ ଏହି ଗସ୍ତରେ ଶିଳ୍ପୋଦ୍ୟୋଗୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଖୁସିର ଲହର ଖେଳି ଯାଇଥିଲା । ସେମାନଙ୍କର ଦୀର୍ଘ ୪୦ ବର୍ଷର ସମସ୍ୟାର ୪୦ ମିନିଟରେ ସମାଧାନ ହୋଇପାରିଛି ବୋଲି ସନ୍ତୋଷ ପ୍ରକାଶ କରିଥିଲେ । ଏହି ଆଲୋଚନାରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ କୁମାର, ଇଡକୋ ପରିଚାଳନା ନିର୍ଦ୍ଦେଶକ ଓ ଜିଲ୍ଲାପାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଅପ୍ରେଲ ୩୦

# ପ୍ରଚାରରେ ସୋସିଆଲ ମିଡ଼ିଆ : ବଦଳୁଛି ନିର୍ବାଚନୀ ପ୍ରଚାର ଶୈଳୀ



ବିକ୍ରମ ଦାଶ

ବିପିନ ବିହାରୀ ରାଉତ

ପୂର୍ବପରି ନିର୍ବାଚନ ପ୍ରଚାର ସେମିତି ଆଉ ନାହିଁ। ସବୁକ୍ଷେତ୍ର ଆଉ ସବୁ ଢ଼ଙ୍ଗରେ ଏହା ବ୍ୟତିକ୍ରମ ଓ ପରିବର୍ତ୍ତନ ଦେଖାଗଲାଣି। ପାରମ୍ପରିକ ପ୍ରଚାର ଠାରୁ ଢ଼େର ଆଗେଇ ଗାଁ ଗାଁ ବୁଲି କର୍ମୀମାନେ ଜିନ୍ଦାବାଦ ପକାଇବା ବଦଳରେ ସୋସିଆଲ ମିଡ଼ିଆରେ ମୋବାଇଲ ନେତା ମାନଙ୍କ ପ୍ରଚାରକୁ ସବୁକିଛି ଦେଖାଇ ପାରୁଛି। ଆଉ ବଡ଼ କଥା ହେଉଛି ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଫେସବୁକ୍, ଏକ୍ସରେ ଯିଏ ଦଳର ପ୍ରଚାରକୁ ଭଲ ରୋଚକ ଆଉ ଅଧିକ ଲାଇକିଂ ମାନ୍ୟତାରେ ରଖି ପାରୁଛି ଦଳ ତାଙ୍କୁ ସାବାସି ଦେବା ସହ ପୁରସ୍କୃତ ବି କରୁଛି ଏବଂ କେତେକ କ୍ଷେତ୍ରରେ ଦଳ ସେମାନଙ୍କୁ ଅନେକ କ୍ଷେତ୍ରରେ ଥଇଥାନ କରିଥାଏ। ଚଳିତ ଭୋଟ ଯୁଦ୍ଧରେ ସୋସିଆଲ ମିଡ଼ିଆ ଓ୍ୱାର ବଡ଼ ଭୂମିକା ନେବାକୁ ଯାଉଛି।

ଦିନଥିଲା ସାଇକେଲ ବା କୌଣସି ଗାଡ଼ିରେ ସିଡି ଟଙ୍ଗାଇ ଗାଁ ଗଣ୍ଡା ଚତୁର୍ଦ୍ଦିଗ ବୁଲି କାନ୍ଥ ବାଡ଼ରେ ପୋଷ୍ଟର ଲଗାଯାଉଥିଲା। ବ୍ୟାନର ମଧ୍ୟ ଛାଇ ହୋଇଯାଉଥିଲା ତେବେ ଏବେ ଡିଜିଟାଲ ପ୍ରଚାର ଯୁଗରେ ସୋସିଆଲ ମିଡ଼ିଆ ସବୁକିଛି ବେଶ ସହଜ ଭାବେ ଲୋକମାନଙ୍କ ହାତ ପାହାନ୍ତାରେ ପହଞ୍ଚି ଯାଉଛି। ସମ୍ବାଦପତ୍ର, ଟିଭି ରେଡ଼ିଓ ସାଙ୍ଗକୁ ସୋସିଆଲ ମିଡ଼ିଆ ଉପରେ ମଧ୍ୟ ନେତାଙ୍କୁ ଭରଷା ରଖିବାକୁ ପଡୁଛି। ଆଉ ଏହି ସୋସିଆଲ ମିଡ଼ିଆରେ ନେତାମାନେ ପ୍ରଚାରରେ ସକାଳୁ ବିଳମ୍ବିତ ରାତି ଯାଏ କ'ଣ ପ୍ରଚାର କୌଶଳ ରଖୁଛନ୍ତି ? କାର୍ଯ୍ୟକ୍ରମ କ'ଣ ? କୁଆଡ଼େ ଓ କାହିଁକି ଯାଉଛନ୍ତି ? କାହାକୁ ଭେଟୁଛନ୍ତି ? ସବୁକିଛି ସୋସିଆଲ ମିଡ଼ିଆରେ ଅପଲୋଡ ହେଉଛି ଏଥିପାଇଁ କାର୍ଯ୍ୟଦକ୍ଷ ଟେକ୍ନୋଲୋଜି ସୋସିଆଲ ସାଇଟର ଉଚ୍ଚ ତାଲିମ ପ୍ରାପ୍ତ ଯୁବ ବର୍ଗ ମଧ୍ୟ ଏହି ଦାୟିତ୍ୱରେ ରହିଛନ୍ତି। ୟୁଟ୍ୟୁବ ଓ ଫେସବୁକରେ ଲାଇଭ ଭିଡ଼ିଓ ଦ୍ୱାରା ନିଜର ପ୍ରଭାବୀ ପ୍ରଦର୍ଶନ ରଖିପାରୁଛନ୍ତି। ଓଡ଼ିଶା ବାଦ ରାଜ୍ୟ ବାହାରରେ କିଛି ଏଜେନ୍ସିକୁ ମଧ୍ୟ ଏହି ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ କିଛି ନେତା ନିଜର ଜଣେ ଜଣେ ସୋସିଆଲ ମିଡ଼ିଆ ହ୍ୟାଣ୍ଡଲକ ବା ସ୍ୱତନ୍ତ୍ର ପ୍ରତିନିଧି ନିୟୋଜିତ କରିଛନ୍ତି। ଏହି ସୋସିଆଲ ମିଡ଼ିଆ ପ୍ରଚାରରେ ସାମ୍ପ୍ରତିକ ରାଜନୈତିକ ଘଟଣା ପ୍ରବାହ, ବିଶ୍ୱ ଓ ଦେଶର ନିର୍ବାଚନ ପାଣିପାଗର ଘଟଣା, ସବୁ ଖବର କାଗଜର ଅପଟୁଡେଟ ଟିକିନିଖି ସବୁକିଛି ତଥ୍ୟ ଉପରେ ଅଭିଜ୍ଞତା ଥିବା ଲେଖକ, ଭିଜୁଆଲ ଏଡ଼ିଟର, କ୍ୟାମେରା ଟିମ, ଗ୍ରାଫିକ୍ସ ଡିଜାଇନର, ଟେକ୍ନିକାଲ ଏକ୍ସପର୍ଟ ଓ ସହାୟକ ମାନଙ୍କୁ ରଖୁଛନ୍ତି। ଏ ବୃତ୍ତି ପାଇଁ ସମୟ ଦେଉଥିବା ଟିମ ମାନଙ୍କୁ ମଧ୍ୟ ଭଲ ବେତନ ମିଳୁଛି। ଦିନକୁ ଦିନ ହାତ ପାହାନ୍ତାରେ ସ୍ୱଳ୍ପ ମୂଲ୍ୟର ଆଣ୍ଡ୍ରଏଡ଼ ବ୍ୟବସ୍ଥା ଥିବା ମୋବାଇଲ ଫୋନ ରହିଥିବାରୁ ନେତାମାନେ ପୂର୍ବପରି ରାତି ପାହିଲେ କାଗଜ ଖେଳାଇ ଆମ ବିଷୟରେ କ'ଣ କିଏ ଲେଖିଛି ତାହା ଦେଖିବାରୁ ଆଉ ଯୁଗ ନାହିଁ। ରାଜ୍ୟରେ ଏବେ ସୋସିଆଲ ମିଡ଼ିଆର ପ୍ରାଧାନ୍ୟ ବୃଦ୍ଧି ପାଉଥିବାରୁ ଲୋକ ଏହା ମାଧ୍ୟମରେ ଅନେକ ତଥ୍ୟ ଓ ସୂଚନା ପାଇପାରୁଛନ୍ତି। ଲୋକମାନେ ମଧ୍ୟ ଖବରକାଗଜର ଶିରୋନାମା ବ୍ୟତୀତ ଟିଭିର ସ୍କ୍ରୋଲିଂ ଓ ଫେସବୁକ, ଟ୍ୱିଟର, ଇନଷ୍ଟାଗ୍ରାମ ଓ ୟୁଟ୍ୟୁବରୁ ଅଧିକରୁ ଅଧିକ ଖବର ସଂଗ୍ରହ କରୁଛନ୍ତି। ସେହିପରି ବିଭିନ୍ନ ଛକ ଯାଗାରେ ଏଲଇଟି ଲାଇଟ ଖଞ୍ଜା ଯାଇ ବିଭିନ୍ନ ସରକାରୀ ବିଜ୍ଞାପନ ଓ ଯୋଜନା ସମ୍ପର୍କରେ ପ୍ରଚାର ପ୍ରସାର କରିବା ଦେଖିବାକୁ ମିଳୁଛି। ଶୋଭାଯାତ୍ରା, ସଭା ସମାବେଶ ଓ ସମ୍ମିଳନୀର ଖବର ଲୋକେ ଖବର କାଗଜରୁ ଦେଖୁଥିଲେ ବି ଟିଭିରେ କିନ୍ତୁ ପ୍ରାଇମ ଟାଇମ ବୁଲେଟିନରେ ନଜର ପକାଇବାକୁ ଭୁଲୁନାହାଁନ୍ତି। ସୋସିଆଲ ମିଡ଼ିଆରେ ପ୍ରାର୍ଥୀ ଦଳର ବଡ଼ ଚେହେରା ଓ ପ୍ରବକ୍ତାମାନେ ନିଜ କଥା ମନ ଖୋଲି କହି ପାରିବା ସହ ନିଜ ନିଜ ଦଳର ବିଜ୍ଞାପନ ଚୁମ୍ବକରେ ଏହି ଫେସବୁକ ଓ ଟ୍ୱିଟରରେ ଛାଡୁଛନ୍ତି। ଲୋକଙ୍କ ମାନସ ପଟ୍ଟରେ ୟୁଟ୍ୟୁବ ଚ୍ୟାନେଲ, ଫେସବୁକ ଓ ଇନଷ୍ଟାରେ ବେଶି ନିର୍ବାଚନ ସମ୍ପର୍କିତ ଖବର ପାଇବା ପାଇଁ ଆଗ୍ରହ ବଢୁଛି। ସୋସିଆଲ ମିଡ଼ିଆରେ ମିଡ଼ିଆ ହ୍ୟାଣ୍ଡଲରମାନେ ନିଜ ଦଳର ପ୍ରଚାର ସହ ବିପକ୍ଷ ଦଳକୁ ସୋସିଆଲ ମିଡ଼ିଆରେ କାଉଣ୍ଟର ଆଟାକ କରିବାକୁ ପଛାଉ ନାହାଁନ୍ତି। ପ୍ରାୟ ସବୁ ଦଳର ଡିଜିଟାଲ ସେଲ ରହିଛି। ସେହିପରି ପ୍ରତି ଦଳ ଲୋକମାନଙ୍କୁ ସେମାନଙ୍କ ସୂଚନା ଓ ଦଳୀୟ ବାର୍ତ୍ତା ତଥା ପ୍ରାର୍ଥୀଙ୍କ ଯୋଗ୍ୟତା ଓ ପ୍ରଚାର କୌଶଳ ସବୁକିଛିକୁ ଗ୍ରାଫିକ୍ସ ଡିଜାଇନ କରାଇ ତତ୍କାଳ ଅପଲୋଡ କରୁଛନ୍ତି। ଭିଡ଼ିଓ, ରିଲିସ୍ ଆଦି ଏଡ଼ିଟିଂ କରି କର୍ମୀ ମାନଙ୍କ ପାଖରେ ମଧ୍ୟ ପହଞ୍ଚି ପାରୁଛନ୍ତି। ପ୍ରାୟତଃ ପ୍ରତି ପଞ୍ଚାୟତ ଆଉ ପ୍ରତି ଗାଁରେ ହ୍ୱାଟସପ୍ ଗ୍ରୁପକରି ଫୋନ କଲ ଓ ମେସେଜ ଦ୍ୱାରା ଗ୍ରହଣଯୋଗ୍ୟ ବାର୍ତ୍ତା ଓ ଆବେଦନ ଖୁବ ସହଜରେ ପହଞ୍ଚି ପାରୁଛି। ଯାହାଦ୍ୱାରା ଛପା ଗଣମାଧ୍ୟମ ଏ କ୍ଷେତ୍ରରେ ଅନେକ ପଛେଇ ଯାଉଛି। ତେବେ ଗଳଦଘର୍ମ ପରିଶ୍ରମକରି ପ୍ରଚାର ସମସ୍ତଙ୍କୁ ଶୁଭ ଫଳଦେଉ ଆଉ ନିର୍ବାଚନ ବୈତରଣୀରେ ସହଜରେ ପାର ହୋଇ ବିଜୟୀ ହୁଅନ୍ତୁ ଏହା ହିଁ ଶୁଭ କାମନା।

*ତୁଳସୀପୁର କଟକ*

# ଶୃଙ୍ଖଳିତ ପୋଲିସ ବାହିନୀ ଓ 'ଟାଟୁ' ଚିତ୍ର ମୁକ୍ତ ବ୍ୟବସ୍ଥା



ପୁଷ୍ପମିତ୍ର ମହାପାତ୍ର

ଶରୀରରେ କଳାତ୍ମକ ଓ ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଅନେକ ପରମ୍ପରା ଓ ସାଂସ୍କୃତିକ ଛାପକୁ ଗ୍ରହଣ କରିଥାନ୍ତି। ବିଶେଷକରି ଆଜିର ଯୁବସମ୍ପ୍ରଦାୟ ଏ କ୍ଷେତ୍ରରେ ବେଶ୍ ଆଗୁଆ। ତେବେ ଦିନ ଥିଲା ରାଜାରାଜୁଡ଼ା ଓ ତଥାକଥିତ ଅତ୍ୟାଚାରୀ ଜମିଦାରୀମାନଙ୍କ ଶାସନ ସମୟରେ ସୌନ୍ଦର୍ଯ୍ୟପୂର୍ଣ୍ଣ ଝିଅମାନେ ଅତ୍ୟାଚାରୀ ଶାସକଙ୍କ ଲୋଲୁପ ଦୃଷ୍ଟିରୁ ନିଜକୁ ବଞ୍ଚାଇବା ପାଇଁ ଚିତା କୁଟାଇ ଏକପ୍ରକାର ଅସୌନ୍ଦର୍ଯ୍ୟକୁ ଆପଣାଉ ଥିଲେ। ସେହିପରି ଆଦିବାସୀମାନଙ୍କର ବିଶେଷକରି କନ୍ଧ ସମାଜରେ ଯୁବତୀମାନେ ଚିତାକୁଟାକୁ ନିଜ ସଂସ୍କୃତିର ଏକ ମର୍ଯ୍ୟାଦାର ପ୍ରତୀକ ଭାବେ ଏବେବି ଅତୁଟ ରଖିଛନ୍ତି। କିନ୍ତୁ ଆଜିର ଯୁବବର୍ଗ ଏହାକୁ ଏକ କ୍ରେଜ୍ ଭାବେ ଗ୍ରହଣକରି ଫେସନ୍‌ରେ ପରିଣତ କଲେଣି। ତେବେ ଏପରି ଟାଟୁ ବ୍ୟବସ୍ଥାକୁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ସିକ୍ୟୁରିଟି ବାଟାଲିୟନ ଏକ ନିର୍ଦ୍ଦେଶନାମା ଜାରିକରି ସୂଚିତ କରିଛନ୍ତି ଯେ ଟାଟୁ କରିଥିବା ଉଭୟ ଅଧିକାରୀ ଓ କର୍ମଚାରୀମାନେ ଏହାକୁ ହଟାନ୍ତୁ। ନିର୍ଦ୍ଦେଶନାମା ଅନୁଯାୟୀ ପରବର୍ତ୍ତୀ ସମୟରେ ରାଜ୍ୟର ସମସ୍ତ ପୋଲିସ ବାହିନୀରେ ଏହି ନୂଆ ବ୍ୟବସ୍ଥାକୁ ଗ୍ରହଣ କରାଯିବାର ଯୋଜନା ରହିଛି। ଏଠାରେ ସୂଚିତ କରାଯାଇପାରେ ଯେ କି ଓଡ଼ିଶା ପୋଲିସର ସ୍ୱତନ୍ତ୍ର ସିକ୍ୟୁରିଟି ବାଟାଲିୟନ ବିଶେଷକରି ରାଜଭବନ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ, ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କ୍ଷେତ୍ର ତଥା ପ୍ରତିଷ୍ଠାନର ନିରାପତ୍ତା ଦାୟିତ୍ୱରେ ଅଛନ୍ତି।

ଏଭଳି ଏକ ଆଦେଶ ଅପ୍ରତ୍ୟାଶିତ ଏବଂ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ। ଏଥିରେ ଏସଏସବିର କର୍ମଚାରୀ ଓ କମିଶନରେଟ ପୁଲିସ କର୍ମଚାରୀମାନେ ଅସନ୍ତୁଷ୍ଟ ହୋଇପାରନ୍ତି ଏବଂ କହିପାରନ୍ତି ଯେ ଏହା ସେମାନଙ୍କର ବ୍ୟକ୍ତିଗତ ବ୍ୟାପାରରେ ଏକ ହସ୍ତକ୍ଷେପ। ଆମ ବିଚାରରେ କିନ୍ତୁ ଏହା ଉଚିତ। ପୁଲିସ ଏକ ଶୃଙ୍ଖଳିତ ପେସାଦାର ବାହିନୀ ଏବଂ ଏହାର ଡ୍ରେସ୍‌କୋଡ୍ ସହିତ ଅନ୍ୟାନ୍ୟ ନୀତି ନିୟମ ରହିଛି। ଓଡ଼ିଶା ପୁଲିସ୍ ମାନୁଆଲରେ ଉପଯୁକ୍ତ ପୋଷାକ ନିଗମ। (ଡ୍ରେସକୋଡ୍)ର ବର୍ଣ୍ଣନା ରହିଛି ଯାହାକୁ କର୍ମଚାରୀମାନେ ମାନିବାକୁ ବାଧ୍ୟ। ତଦନୁସାରେ କୌଣସି ପୁଲିସ କର୍ମଚାରୀ କର୍ତ୍ତବ୍ୟପାଳନ ସମୟରେ ମୁଣ୍ଡ ବା ଶରୀରରେ ଜାତିଗତ, ଧାର୍ମିକ ଓ ସାମ୍ପ୍ରଦାୟଜନିତ ଚିହ୍ନ ଧାରଣ କରିପାରିବେ ନାହିଁ। ସେମାନଙ୍କର ମୁହଁ ଓ ଶରୀରକୁ ମଧ୍ୟ ଜାତି ଓ ସାମ୍ପ୍ରଦାୟଗତ ରୂପରଙ୍ଗରେ ସଜାଇ ପାରିବେ ନାହିଁ। କେବଳ ଶିଖମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ରହିଛି। ଅନ୍ୟମାନଙ୍କ ପାଇଁ ତାହା ନାହିଁ, ଏପରିକି ଦାଢ଼ି ରଖିବାକୁ ହେଲେ ବରିଷ୍ଠ ଅଧିକାରୀମାନଙ୍କଠାରୁ ଅନୁମତି ନେବାର ଆବଶ୍ୟକତା ରହିଛି। ପୁଲିସ୍ ଏକ ଶୃଙ୍ଖଳିତ ବାହିନୀ ହୋଇଥିବାରୁ ସେମାନଙ୍କ ବେଶ ପୋଷାକ, ବାଳକଟା ସବୁ ଏକାପରି ଓ ନିୟମବନ୍ଧ। ଏହାର ମୁଖ୍ୟ କାରଣ ହେଲା ପୁଲିସ୍ ବାହିନୀ ବା ସମ୍ପୃକ୍ତ ବିଭାଗ ପେସାଦାରୀ ଦୃଷ୍ଟିକୋଣରୁ ଗୁରୁତ୍ୱ ଦିଏ ଏବଂ ତଦନୁସାରେ ନିଜର କର୍ମଚାରୀଙ୍କୁ ଶୃଙ୍ଖଳିତ ରଖେ। ସୁତରାଂ ପୁଲିସ କର୍ମଚାରୀ ଯଦି ଧାର୍ମିକ ଓ ଅନ୍ୟାନ ସମ୍ବେଦନଶୀଳ ବିଷୟବସ୍ତୁ ଉପରେ ଶରୀରରେ ଟାଟୁ କରିବେ ତାହା ବୃତ୍ତିଗତ ଓ ନିରାପତ୍ତା ଜନିତ ବିପଦ ସୃଷ୍ଟି କରିପାରେ। ଏହା ମଧ୍ୟ ପୁଲିସ ବାହିନୀକୁ ଜାତି ଓ ଧର୍ମ ଆଧାରରେ ବିଭାଜିତ କରିବାର ଆଶଙ୍କା ରହିଛି। ଗଣହିଂସା ଓ ଗଣ୍ଡଗୋଳ ସମୟରେ ଲୋକେ ଜାତି ଧର୍ମ ଆଧାରରେ ଏହି ଟାଟୁକୁ ଦେଖି କର୍ମଚାରୀଙ୍କୁ ଆକ୍ରମଣ କରିପାରନ୍ତି। ପୋଲିସ ବିଭାଗ ପରି ଏକ ଶୃଙ୍ଖଳିତ ସେବା ବ୍ୟବସ୍ଥାରେ ଏପରି ନୂଆ ନିୟମ ଜାରିହେବା ପରେ କେବଳ ପୋଲିସ ବାହିନୀ ନୁହଁ, ସାଧାରଣରେ ଏହା ଆଲୋଚନା ଓ ଚର୍ଚ୍ଚାର ବିଷୟ ପାଲଟିଛି। ବାସ୍ତବ କଥା ହେଉଛି ଟାଟୁ ଫେସନ ବାସ୍ତବରେ ପୋଲିସ ମାନୁଆଲର ବର୍ହିଭୂତ। ତେବେ ମାନବାଧିକାର ପ୍ରେମୀଙ୍କ ପାଇଁ ଏହା ଏକ ବିତର୍କ ସୃଷ୍ଟି କରିବା ସହ କେହି କେହି ଏହାକୁ ଅଗ୍ରହଣୀୟ ବୋଲି ମଧ୍ୟ ମତ ଦେଉଛନ୍ତି। ତେବେ ପୋଲିସ ବିଭାଗ ପରି ଏକ ଗୁରୁତ୍ୱପୂର୍ଣ୍ଣ ସେବା କ୍ଷେତ୍ରରେ ଯେଉଁଠି କେବଳ କର୍ତ୍ତବ୍ୟନିଷ୍ଠା ନୁହଁ ଅନୁଶାସନ ହିଁ ସେବାର ମୁଖ୍ୟ ମାନଦଣ୍ଡ, ଏଠାରେ କୌଣସି ପ୍ରକାର ଫେସନ ବା କ୍ରେଜ୍‌କୁ ଗ୍ରହଣୀୟ ଭାବେ ବିଚାର ନ କରି ଶୃଙ୍ଖଳିତ ନୀତିନିୟମ ଓ ପେଶାଦାରୀ ଆଭିମୁଖ୍ୟକୁ ଗୁରୁତ୍ୱ ଦେବା କଥା। ତେଣୁ ଓଡ଼ିଶା ପୋଲିସ ପରି ଏକ ଶୃଙ୍ଖଳିତ, କର୍ତ୍ତବ୍ୟନିଷ୍ଠ ସେବା ବ୍ୟବସ୍ଥାରେ ଏପରି ନୂଆ ନିର୍ଦ୍ଦେଶନାମା ପରବର୍ତ୍ତୀ ସମୟରେ ନିଶ୍ଚିନ୍ତ ଭାବେ ଗ୍ରହଣୀୟ ହୋଇପାରିବ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯*

# ପ୍ରତ୍ୟକ୍ଷ ଈଶ୍ୱରାନୁଭୂତିର ବୈଜ୍ଞାନିକ ମତ



ଉମାଶଙ୍କର ପ୍ରସାଦ

ମଣିଷ ମାତ୍ରକେ ଈଶ୍ୱର ବିଶ୍ୱାସୀ କାରଣ ଈଶ୍ୱର ହେଉଛନ୍ତି ମହାନ। ମଣିଷଠାରେ ଭଗବତ୍ ବିଶ୍ୱାସର ଉଦ୍ରେକ ହୁଏ କାହିଁକି ? ଏହାର କାରଣ ଜାଣିବା ପାଇଁ ବୈଜ୍ଞାନିକ ମାନେ ଗବେଷଣା ରତ। ତାଙ୍କ ମତରେ ମଣିଷର ମସ୍ତକରେ ରହିଛି ଏକ 'ଭଗବତ କ୍ଷେତ୍ର' (God Spot)। ୧୯୯୦ ଦଶକର ଆଦ୍ୟ ଭାଗରେ କାନାଡାର ସ୍ନାୟୁ ମନୋବିଜ୍ଞାନୀ ଡକ୍ଟର ମାଇକେଲ ପର୍‌ସିଞ୍ଜର ପ୍ରଥମ ଥର ପାଇଁ 'ପ୍ରତ୍ୟକ୍ଷ ଈଶ୍ୱରାନୁଭୂତି' ପ୍ରାପ୍ତ ହୋଇଥିଲେ। ଡକ୍ଟର ପର୍‌ସିଞ୍ଜର ଜଣେ ଆଦୌ ଧାର୍ମିକ ବ୍ୟକ୍ତି ନଥିଲେ। ଉକ୍ତ ଅନୁଭୂତ ଲାଭ କଲା ବେଳକୁ ସେ 'ଲରେନ୍‌ସିଆନ୍' ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଥିଲେ। ନିଜର ମସ୍ତକକୁ 'ଟ୍ରାନ୍ସକ୍ରାନିଆଲ୍ ମ୍ୟାଗ୍‌ନେଟିକ ଷ୍ଟିମ୍ୟୁଲେଟର' ବା 'ପାରକରୋଟି ଚୁମ୍ବକୀୟ ଉଦ୍ଦୀପକ' ନାମକ ଏକ ଯନ୍ତ୍ର ସହ ସଂଯୁକ୍ତ କରି ଦେଲେ। ଏହି ଯନ୍ତ୍ରଟି ଦ୍ୱାରା ମସ୍ତିଷ୍କର ଛୋଟ ଛୋଟ ନିର୍ବାଚିତ ଅଂଚଳରେ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିହୁଏ, ସୃଷ୍ଟ ଚୁମ୍ବକୀୟ କ୍ଷେତ୍ରର ହ୍ରାସ ବୃଦ୍ଧି କରିହୁଏ ଓ ଚୁମ୍ବକୀୟ କ୍ଷେତ୍ର ମାଧ୍ୟମରେ ସେହି ସେହି ଅଂଚଳ ଗୁଡିକୁ ଉଦ୍ଦୀପିତ କରିହୁଏ। ମସ୍ତିଷ୍କ ତନ୍ତୁରେ ଉଦ୍ଦୀପନା ସୃଷ୍ଟି ହେଲେ ତାହା ସହ ସଂମ୍ପୃକ୍ତ ମାଂସପେଶୀ ସ୍ଫୁରିତ ହୁଏ କିମ୍ବା ଅବୟବ ଅନୈଚ୍ଛିକ ଭାବରେ ଚାଳିତ ହୁଏ। ମସ୍ତିଷ୍କସ୍ଥ ଦୃଷ୍ଟି କେନ୍ଦ୍ରକୁ ଏପରି ପଦ୍ଧତିରେ ଉଦ୍ଦୀପିତ କରାଇଲେ ଜନ୍ମାନ୍ଧ ବ୍ୟକ୍ତି ମଧ୍ୟ 'ଦେଖିପାରିବା' ଭଳି ଅନୁଭୂତି ଅର୍ଜନ କରିଥାଏ। ଡକ୍ଟର ପରସିଞ୍ଜର ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରି ନିଜ ମସ୍ତିଷ୍କର 'ଟେମ୍ପୋରାଲ୍ ଲୋବ୍' ବା ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡକୁ ଉଦ୍ଦୀପିତ କରାଇଥିଲେ। ମସ୍ତିଷ୍କର ଶ୍ରୁତିଖଣ୍ଡ କାନମୁଣ୍ଡାର ଠିକ୍ ତଳକୁ ଅବସ୍ଥିତ। ଶ୍ରୁତିଖଣ୍ଡ ଉଦ୍ଦୀପିତ ହେବା ମାତ୍ରେ ପର୍‌ସିଞ୍ଜରଙ୍କୁ 'ଭଗବତ ଦର୍ଶନ'ର ଅନୁଭୂତି ମିଳି ଯାଇଥିଲା ଏବଂ ସେ (Saw God)। 'ଟେମ୍ପୋରାଲ ଲୋବ୍ ଏପିଲେପ୍‌ସି' ବା ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡ ଅପସ୍ମାର ଦ୍ୱାରା ଆକ୍ରାନ୍ତ ରୋଗୀମାନେ ଗଭୀର ଆଧ୍ୟାତ୍ମିକ ଅଭିଜ୍ଞତା କରୁଥିବାର ବହୁଦିନରୁ ଜଣାପଡିଛି। ଅପସ୍ମାର ରୋଗ ହେଲେ ରୋଗୀକୁ ମଝିରେ ମଝିରେ ବାତ ମାରିଥାଏ। ଏ ପ୍ରକାର ରୋଗୀମାନଙ୍କ ଉପରେ ଅନେକ ଗବେଷଣା କରିଛନ୍ତି ସାନ୍‌ଡିଏଗୋସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ସ୍ନାୟୁ ବିଜ୍ଞାନୀ ପ୍ରଫେସର ଭି.ଏସ. ରାମଚନ୍ଦ୍ରନ୍। ରୋଗୀମାନଙ୍କୁ ବାତ ମାରିସାରିବା ପରେ ସେମାନେ ପ୍ରାୟତଃ ତାଙ୍କୁ କହିଥାନ୍ତି 'ଏପରି ଏକ ଦିବ୍ୟ ଆଲୋକ ଅଛି ଯାହା ସବୁକିଛିକୁ ଉଦ୍ଭାସିତ କରିଥାଏ', ଏପରି ଏକ ପରମ ସତ୍ୟ ରହିଛି, ଯାହା

॥ ୨ ॥

ସାଧାରଣ ମନର ଉର୍ଦ୍ଧ୍ୱରେ', ସାଧାରଣ ମନ ସେହି ପରମ ସତ୍ୟର ରୂପରେଖ ସମ୍ବନ୍ଧରେ ଧାରଣା କରିପାରେ ନାହିଁ। ନିତିଦିନର ଜୀବନ ଜଞ୍ଜାଳରେ ଘାଣ୍ଟି ହେଉଥିବା ବ୍ୟକ୍ତିର ମନ ସେହି ପରମ ସତ୍ୟର ସୌନ୍ଦର୍ଯ୍ୟ ଓ ମହତ୍ତ୍ୱକୁ କଳନା କରିବା ନିମନ୍ତେ ଅକ୍ଷମ। ଡକ୍ଟର ପର୍‌ସିଞ୍ଜରଙ୍କ ବୈଜ୍ଞାନିକ ପରୀକ୍ଷା 'ଶ୍ରୁତିଖଣ୍ଡ ଅପସ୍ମାର ରୋଗୀ ଅନୁଭବ କରୁଥିବା ଗଭୀର ଆଧ୍ୟାତ୍ମିକ ଅଭିଜ୍ଞତା ପାଇଁ ମସ୍ତିଷ୍କର ଶ୍ରୁତିଖଣ୍ଡର ଅତ୍ୟଧିକ ସକ୍ରିୟତା ଯୁକ୍ତିକୁ ସାବ୍ୟସ୍ତ କରିବାରେ ସହାୟକ ହୋଇପାରିଛି। ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରି ଶ୍ରୁତିଖଣ୍ଡକୁ ଯେ କୃତ୍ରିମ ଉପାୟରେ ଉଦ୍ଦୀପିତ କରିହେବ, ଏହା ପ୍ରଥମେ ଆବିଷ୍କାର କରିଥିଲେ 'ପର୍‌ସିଞ୍ଜର'। ଏବଂ ତାଙ୍କୁ ମିଳିଥିଲା ଅପୂର୍ବ ସଫଳତା। ଶ୍ରୁତିଖଣ୍ଡରେ କୃତ୍ରିମ ଉପାୟରେ ଉଦ୍ଦୀପନା ସୃଷ୍ଟି କଲେ ବ୍ୟକ୍ତି ବିଦ୍ୟାନୁଭୂତି ପ୍ରାପ୍ତ ହେବା, ଶରୀର ବାହାରେ ଅବସ୍ଥାନ କରିବା କିମ୍ବା ପୂର୍ବ ଜନ୍ମର ଘଟଣାବଳୀକୁ ମନେ ପକାଇପାରିବା ଭଳି ଅନୁଭୂତି ଲାଭ କରିଥାଏ ବୋଲି ମତ ଦେଇଛନ୍ତି ଡକ୍ଟର ପର୍ ସିଞ୍ଜର୍।

୧୯୯୭ ମସିହାରେ ଭି.ଏସ୍. ରାମଚନ୍ଦ୍ରନ ଓ ତାଙ୍କର ସହକର୍ମୀବୃନ୍ଦ ଏ କ୍ଷେତ୍ରରେ ଆହୁରୀ ପାଦେ ଆଗେଇଯାଇ ସୁସ୍ଥବ୍ୟକ୍ତିଙ୍କ ପ୍ରମସ୍ତିଷ୍କ ଶ୍ରୁତିଖଣ୍ଡର କ୍ରିୟାକୁ ଉଦ୍ଦୀପିତ କରାଇବାରୁ ସୁସ୍ଥବ୍ୟକ୍ତି ମାନଙ୍କଠାରେ ମଧ୍ୟ ଭଗବତ ଅନୁଭୂତି ଯାତହେଲା। ରାମଚନ୍ଦ୍ରନ ଓ ତାଙ୍କର ସହଯୋଗୀ ଗବେଷକ ମାନେ ସୁସ୍ଥବ୍ୟକ୍ତିଙ୍କ କାନମୁଣ୍ଡା ଉପରେ 'ଇଲେକ୍‌ଟ୍ରୋଏନ୍‌ସେ ଫାଲୋଗ୍ରାମ'( ଇ.ଇ.ଜି)ର ଇଲେକ୍ ଟ୍ରୋନ୍ ସଂଯୁକ୍ତ କରି ସେମାନଙ୍କୁ ଶୁଣେଇ ଚାଲିଲେ ମନକୁ ଛୁଇଁଲାଭଳି ଧର୍ମ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ। ଏପରି କରିବା ଫଳରେ ଶ୍ରୁତିଖଣ୍ଡରେ ପ୍ରତିକ୍ରିୟା ବୃଦ୍ଧିପାଇବା ସହ ଗବେଷଣା ଅନ୍ତର୍ଭୁକ୍ତ ସେହି ବ୍ୟକ୍ତିମାନେ 'ଦିବ୍ୟାନୁଭୂତି' ପ୍ରାପ୍ତହେବା ସମ୍ପର୍କରେ ନିଜର ଅଭିଜ୍ଞତା ବଖାଣି ଚାଲିଥିଲେ। ଏହି ପରୀକ୍ଷଣର ଫଳାଫଳକୁ ରାମଚନ୍ଦ୍ରନ୍ ଙ୍କ ଗୋଷ୍ଠୀ ସିଦ୍ଧାନ୍ତ ଗ୍ରହଣ କଲେ ଯେ ସୁସ୍ଥବ୍ୟକ୍ତିଙ୍କ ସ୍ନାୟୁକୋଷିକା ଓ ସ୍ନାୟୁସୂତ୍ର ରହିଛି, ଯାହା ଧର୍ମ ଏବଂ ଆଧାତ୍ମିକତା ସହ ସଂମ୍ପୃକ୍ତ। ଆମ ପ୍ରତ୍ୟେକଙ୍କ ମସ୍ତିଷ୍କରେ ରହିଛି 'ଲିମ୍ବିକ୍ ସିଷ୍ଟମ'୍ ଯେଉଁଥିରେ ଥାଏ ଆବେଗ କେନ୍ଦ୍ର ଏବଂ ସ୍ମୃତି କେନ୍ଦ୍ର। ଲିମ୍ବିକ୍ ସିଷ୍ଟମ ସହ ଶ୍ରୁତିଖଣ୍ଡର ଘନିଷ୍ଠ ଯୋଗା ଯୋଗ ରହିଛି। ପର୍‌ସିଞ୍ଜର୍ ଦର୍ଶାଇଛନ୍ତି ଯେ ମସ୍ତିଷ୍କର ଆବେଗ କେନ୍ଦ୍ରକୁ ଉତ୍ତେଜିତ କରାଇଲେ ଶ୍ରୁତିଖଣ୍ଡର ବୈଦ୍ୟୁତିକ କ୍ରିୟା ବୃଦ୍ଧି ପାଇଥାଏ। ଧାର୍ମିକ ତଥା ଆଧାତ୍ମିକ ଅନୁଭୂତିରେ ଆବେଗ ଯେ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଯାହା 'ଲିମ୍ବିକ୍ ସିଷ୍ଟମ୍‌ର' ସମ୍ପୃକ୍ତିରୁ ଏହା ପ୍ରମାଣିତ। ମସ୍ତିଷ୍କସ୍ଥ ଶ୍ରୁତିଖଣ୍ଡର ଯେଉଁ ନିର୍ଦ୍ଦିଷ୍ଟ ଅଂଚଳ ଧାର୍ମିକ କିମ୍ବା ଆଧତ୍ମିକ ଅନୁଭୂତି ସହ ସମ୍ପୃକ୍ତ , ତାକୁ 'ପର୍‌ସିଞ୍ଜର ଏବଂ ରାମଚନ୍ଦ୍ରନ୍‌ଙ୍କ' ଭଳି ସ୍ନାୟୁ ଜୀବବିଜ୍ଞାନୀମାନେ 'ଭଗବତ୍ କ୍ଷେତ୍ର'ନାମରେ ନାମିତ କରିଛନ୍ତି। ମସ୍ତିଷ୍କର ସ୍ନାୟୁତନ୍ତ୍ରରେ ଭଗବତ୍ କ୍ଷେତ୍ରର ଉପସ୍ଥିତିରୁ ଏହି ସୂଚନା ମିଳୁଛି ଯେ ଆଧ୍ୟାତ୍ମିକ ବିଶ୍ୱାସ ଓ ଅନୁଭୂତି ସର୍ବଦା ମଣିଷର ହିତ ସାଧନ କରିଥାଏ ଓ ଏହି ଉଦ୍ଦେଶ୍ୟ ପୂର୍ତ୍ତି ନିମନ୍ତେ ମସ୍ତିଷ୍କ ଅନୁରୂପ ଭାବରେ ବିବର୍ତ୍ତିତ ହୋଇଛି। ଦିନେ ଭୋଲ୍‌ଟାୟାର କହିଥିଲେ, " ଈଶ୍ୱର ଯଦି ନାହାଁନ୍ତି, ତେବେ ଈଶ୍ୱରଙ୍କୁ ଉଦ୍‌ଭାବନ କରିବା ଦରକାର।" କିନ୍ତୁ ଯଦି ଅଛନ୍ତି, ତେବେ ତାଙ୍କୁ ଆବିଷ୍କାର କରିବାର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ। ମସ୍ତିଷ୍କରେ 'ଭଗବତ କ୍ଷେତ୍ର'ର ଆବିଷ୍କାର ବୋଧହୁଏ ଏହି ଆବିଷ୍କାର ପର୍ବର ପ୍ରଥମ ପ୍ରଚେଷ୍ଟା।

ଖୋର୍ଦ୍ଧା
ମୋ:୬୩୭୦୬ ୭୫୫୬୨

# ନିର୍ବାଚନୀ ଇସ୍ତାହାର, ଅଂଶୁଘାତ ଓ ମଦ କଟକଣା



ବିକ୍ରମ ଦାଶ

ଦେଶରେ ବିଭିନ୍ନ ସମୟରେ ନିର୍ବାଚନ ସମୟରେ ଟଙ୍କା ଜବତ ହୋଇଥାଏ ଏବଂ ମଦ ମଧ୍ୟ ଜବତ ହୋଇଥାଏ। ଇତିମଧ୍ୟରେ ଅନେକ ଦଳର ନିର୍ବାଚନ ଇସ୍ତାହାର ପ୍ରକାଶ ହୋଇସାରିଲାଣି ତେବେ ବଡ଼ ଦୁଃଖର କଥା ଏହି ସଂକଳ୍ପ ପତ୍ର ନାମରେ ମଦମୁକ୍ତ ସମାଜ ପାଇଁ କେହି ଇସ୍ତାହାରରେ ରଖିନାହାଁନ୍ତି। ମଦ ବିକ୍ରୟରୁ ପ୍ରଚୁର ରାଜସ୍ୱ ଆସୁଛି ସତ କିନ୍ତୁ ସାମାଜିକ ଜୀବନ ବିପର୍ଯ୍ୟୟ ହେଉ ପଛେ ମଦକୁ ବାରଣ କରିହେବନାହିଁ ଏଭଳି ଚିନ୍ତାଧାରା ଜନମଙ୍ଗଳ ରାଷ୍ଟ୍ରପାଇଁ ନିଶ୍ଚିତ ଭାବେ କ୍ଷତିକାରକ। ଏକଥା କେହି ବୋଧେ ଅସ୍ୱୀକାର କରିପାରିବେ ନାହିଁ। ଯଦି ସତରେ ନେତାଏ ଲୋକଙ୍କ ମଙ୍ଗଳ ଚାହୁଁଥାନ୍ତେ ଓ ନିଜକୁ ଲୋକଙ୍କ ସେବକ ବୋଲି ଭାବୁଥାନ୍ତେ ତାହାହେଲେ ପ୍ରତିଟି ଦଳର ନିର୍ବାଚନ ଇସ୍ତାହାରରେ ମଦମକ୍ତ ସମାଜ ଗଠନର ପ୍ରତିବଦ୍ଧତା ଦେଖିବାକୁ ମିଳିଥାନ୍ତା। ବର୍ତ୍ତମାନ ସମୟକୁ ଦେଖିଲେ ସମାଜରେ ମଦ୍ୟପାନ ବା ନିଶାଜନିତ କାରଣରୁ ଅନେକ ଅଘଟଣ ଘଟୁଛି। ତେଣୁ ନିର୍ବାଚନୀ ଇସ୍ତାହାରରେ ଏହାକୁ ଗୁରୁତ୍ୱ ଦେବାକଥା।

ଯେଉଁମାନଙ୍କ ରକ୍ତରେ ଆଲକହଲ ଓ ନିକୋଟିନର ପରିମାଣ ଅଧିକଥାଏ ସେମାନେ ଖରାଦିନେ ଅଂଶୁଘାତର ଶିକାର ହେବା ସମ୍ଭାବନା ଅଧିକ । ଅଂଶୁଘାତ ଜନିତ ଅପମୃତ୍ୟୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ମାନ ନିଆଯାଉଛି ସେଥିରେ ଖରାଦିନେ ନିଶାସେବନ ଉପରେ କଟକଣା କିନ୍ତୁ ରହୁନାହିଁ । ଚିକିତ୍ସା ବିଜ୍ଞାନୀ ମାନଙ୍କ ମତରେ ନିଶାଗ୍ରସ୍ତ ଲୋକର ଶାରୀରିକ ଦୁର୍ବଳତା କ୍ରମଶଃ ବୃଦ୍ଧି ପାଉଥିବାରୁ ଖରାଦିନେ ସେମାନେ ଅଧିକ ମଦ୍ୟପାନ କଲେ ଅଂଶୁଘାତ ଓ ଅନ୍ୟାନ୍ୟ ରୋଗର ଶିକାର ହେବା ସମ୍ଭାବନା ଅଧିକ । ଏବେ କିନ୍ତୁ ଏ ଦିଗଟି ପ୍ରତି ସମସ୍ତେ ଏକ ପ୍ରକାର ମିଳିମିଶି ଆଖିବୁଜି ଦେଇଛନ୍ତି । ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ତାପମାତ୍ରାରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଏକ ପ୍ରକାର ସିଝୁଥିବାବେଳେ ମଦଦୋକାନ ଗୁଡ଼ିକ କିନ୍ତୁ ଖୋଲା ରହୁଛି । ସରକାରୀ ବ୍ୟବସ୍ଥାନୁଯାୟୀ ଦିନ ୧୧ଟା ପରେ କୌଣସି ଶ୍ରମିକଙ୍କୁ କାମରେ ଲଗାଯାଇ ପାରିବ ନାହିଁ । କିନ୍ତୁ ସଂଖ୍ୟାଧିକ ସରକାରୀ କାମରେ ଶ୍ରମିକମାନେ ସିଝି ସିଝି କାମ କରୁଛନ୍ତି । ଏମାନଙ୍କ ଭିତରୁ କେତେକ ଭୁଲ୍ ବିଶ୍ୱାସରେ ପ୍ରଭାବିତ ହୋଇ ପାଣି ବଦଳରେ ମଦ ପିଉଥିବା ଲକ୍ଷ୍ୟ କରାଯାଉଛି । ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟରେ ଯେତେ ବଡ଼ ବଡ଼ ମଦମୃତ୍ୟୁ ଦୁର୍ଘଟଣାମାନ ଘଟିଛି ସେଥିରୁ ସଂଖ୍ୟାଧିକ ଖରାଦିନେ ହୋଇଛି । ମଇ ମାସରେ ହୋଇଥିବା କଟକର ବହୁ ପ୍ରଚାରିତ ମଦମୃତ୍ୟୁ ଦୁର୍ଘଟଣା ଏହାର ଏକ ଉଦାହରଣ । ଏ ପରିପ୍ରେକ୍ଷୀରେ ଖରାଦିନ ଯାକ ସମସ୍ତ ଦେଶୀ ବିଦେଶୀ, ମହୁଲି ଏବଂ ଲାଇସେନ୍ସପ୍ରାପ୍ତ ଓ ଚୋରାମଦ ବିପଣନ ଉପରେ କଡ଼ା କଟକଣା ଜାରି କରିବା ପାଇଁ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଦାବି ଉଠାଇଛନ୍ତି । ଚିକିତ୍ସା ବିଜ୍ଞାନୀମାନେ କହୁଛନ୍ତି ଯେ ଅତ୍ୟଧିକ ତାପମାତ୍ରା ସମୟରେ ମଦଭଳି ଉତ୍ତେଜକ ପାନୀୟ ବ୍ୟବହାର କରିବା ଫଳରେ ସଂଖ୍ୟାଧିକ ମଦୁଆ ବୃକକ୍, ଯକୃତ, ପାକସ୍ଥଳୀ, ସ୍ନାୟବୀୟ ରୋଗରେ ଆକ୍ରାନ୍ତ ହେବା ସହିତ ଦୃଷ୍ଟିଶକ୍ତି ବି ହରାଉଛନ୍ତି । ଏଥିଯୋଗୁଁ ଅନେକ ମଦୁଆଙ୍କ ଶ୍ରମ କରିବାର ଶକ୍ତି ହ୍ରାସ ପାଇବା ସଙ୍ଗେ ସଙ୍ଗେ ସେମାନଙ୍କ ପ୍ରଜନନ କ୍ଷମତା ବି ବାଧାପ୍ରାପ୍ତ ହେଉଛି । ଦୁର୍ବଳ ସ୍ୱାସ୍ଥ୍ୟ ସମ୍ପନ୍ନ ଲୋକେ ଖରାଦିନିଆ ମଦ୍ୟପାନ ଯୋଗୁଁ ସହଜରେ ସମସ୍ୟାକୁ ନିୟନ୍ତ୍ରଣ କରୁଥିବାବେଳେ ଅପେକ୍ଷାକୃତ ସବଳ ଓ ବିଶେଷକରି ଯୁବବର୍ଗର ମଦୁଆଙ୍କ ଉପରେ ଏହି ଖରାଦିନିଆ ମଦ୍ୟପାନ ସ୍ଲୋ ପଏଜନ ଭଳି କାମ କରୁଛି । ଏଥିଯୋଗୁଁ ପ୍ରତିଦିନ ମୃତାହତଙ୍କ ସଂଖ୍ୟା ବଢୁଥିଲେ ବି ସେମାନଙ୍କୁ ଅଂଶୁଘାତ ତାଲିକାରେ ସାମିଲ କରାଯାଉନାହିଁ ।

# ଧର୍ମଶାଳାରୁ ପ୍ରବୀଣ ପ୍ରଣବଙ୍କ ହ୍ୟାଟ୍ରିକ ଲକ୍ଷ୍ୟ



ବାଦଲ ଭୂୟାଁ

ଓଡ଼ିଶା ରାଜନୀତିରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସ୍ଥାନ ସ୍ୱତନ୍ତ୍ର। ୧୯୯୫ରୁ ଛଅ ଛଅ ଥର ବିଜେଡ଼ି ଏହି ଆସନରୁ ବିଜୟ ଲାଭ କରି ତାର ସଂଗଠନର ସୁଦୃଢ଼ତାକୁ ପ୍ରମାଣିତ କରି ଆସୁଛି। ୧୯୯୫ରେ ପ୍ରଥମ ଥର ଏହି କ୍ଷେତ୍ରରୁ ବିଧାନସଭାକୁ ଜନତା ଦଳ ଟିକେଟରୁ ବିଜୟ ଲାଭ କରି ସ୍ୱର୍ଗତଃ କଳ୍ପତରୁ ଦାସ ନିର୍ବାଚିତ ହୋଇ ଆସିବା ଦିନ ଠାରୁ ଆଉ ପଛକୁ ଚାହିଁ ନାହାଁନ୍ତି। ଏହି ଆସନକୁ ବିଜେଡ଼ିର ଗଡ଼ ଭାବେ ତିଆରି କରିଛନ୍ତି ସେହିଦିନ ଠାରୁ ସ୍ୱର୍ଗତଃ କଳ୍ପତରୁ ବାବୁଙ୍କ ପରିବାରର ହସ୍ତମୁଦ ମାହୋଲ ଭାବେ ଧର୍ମଶାଳା ପରିଚିତ ହୋଇ ଆସିଛି। ୧୯୯୫, ୨୦୦୦, ୨୦୦୪ ଓ ୨୦୦୯ରେ ସ୍ୱର୍ଗତଃ ଦାସ ଚାରି ଚାରି ଥର ବିଜୟ ପାଇଥିଲେ। ପରବର୍ତ୍ତୀ ସମୟରେ ୨୦୧୪ ଓ ୨୦୧୯ରେ ତାଙ୍କ ପୁଅ ପ୍ରଣବ କୁମାର ବଳବନ୍ତ ରାୟ ନିର୍ବାଚିତ ହୋଇ ଦଳର ଏକ ସଂଗଠିତ ଦୁର୍ଗ ରକ୍ଷାର ନାୟକ ଭାବେ ପରିଚିତ ହୋଇଛନ୍ତି। ଧର୍ମଶାଳାରେ ବିଜେଡ଼ି ସ୍ଥିତି ସୁଦୃଢ଼ ଥିବା ଓ ପରୋକ୍ଷରେ ଟିକେଟ ବଣ୍ଟାକୁ ନେଇ ବିଜେପି ଦଳର ଗୋଷ୍ଠୀ କନ୍ଦଳ ରହିଥିବାରୁ ଦୁଇ ମାଙ୍କଡ଼ଙ୍କ ଲଢ଼େଇ ଭିତରେ ତୃତୀୟ ମାଙ୍କଡ଼ର ଫାଇଦା ପରି ବିଜେଡ଼ି ନିଶ୍ଚିନ୍ତ ବିଜୟକୁ ଚାହିଁଛି। କହିବାକୁଗଲେ ତୃତୀୟ ଥର ବିଜୟୀ ହୋଇ ପ୍ରଣବ ବଳବନ୍ତରାୟ ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ରହିଛନ୍ତି।

ପୂର୍ବ ନିର୍ବାଚନର ପରିସଂଖ୍ୟାନକୁ ଦେଖିଲେ ପ୍ରତିଥର ନିର୍ବାଚନରେ ବିଜେଡ଼ିର ବିଜୟ ଭୋଟ ବଢ଼ି ବଢ଼ି ଚାଲିଛି। ୨୦୧୪ରେ ରେକର୍ଡ଼ ସଂଖ୍ୟକ ଭାବେ ସର୍ବାଧିକ ଭୋଟ ବିଜେଡ଼ି ପାଇଥିଲା। ଦଳ ମତଦାନର ୬୮.୬ ପ୍ରତିଶତ ଭାବେ ୧ଲକ୍ଷ ୯ ହଜାର ୨୪୧ଖଣ୍ଡ ଭୋଟ ପାଇଥିଲା। କଂଗ୍ରେସର ତ୍ରିନାଥ ମିଶ୍ର ୨୩ ହଜାର ୪୫୫ ଖଣ୍ଡ ଭୋଟ ପାଇଥିଲେ। ୨୦୧୯ରେ ବିଜେଡ଼ି ୫୮.୬୧ ପ୍ରତିଶତ ଭାବେ ୧,୦୧, ୩୬୪ ଖଣ୍ଡ ଭୋଟ ପାଇଥିଲା। ସେହିପରି ବିଜେପିର ତତ୍କାଳୀନ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡ଼ା ଦ୍ୱିତୀୟ ସ୍ଥାନକୁ ଉଠି ୪୮,୬୨୫ ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ଭୋଟ ହାର ରହିଥିଲା ୨୮.୧୨ ପ୍ରତିଶତ। ସେ ସମୟରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସ୍ମୃତିରେଖ ପହି ୧୮,୫୮୮ ଖଣ୍ଡ ଅର୍ଥାତ୍ ୧୦.୭୫ ପ୍ରତିଶତ ଭୋଟ ପାଇ ତୃତୀୟ ସ୍ଥାନ ହାସଲ କରିଥିଲେ। ବର୍ତ୍ତମାନ ଉଭୟ ବିଜେପି ଓ କଂଗ୍ରେସର ଦଳର ସ୍ଥିତି ଏପଟ ସେପଟ ହୋଇଥିବାବେଳେ ବିଜେଡ଼ି କିନ୍ତୁ ବେଶ ଶକ୍ତିଶାଳୀ ଆଉ ମଜଭୁତ ସ୍ଥିତିରେ ରହିଛି। ବିଧାୟକ ପ୍ରଣବ ବଳବନ୍ତରାୟ ସବୁ ସମୟରେ ନିଜ କର୍ମୀ ମାନଙ୍କ ସହ ରହିବା ସହ ଏହି ନିର୍ବାଚନ ମଣ୍ଡଳୀର ବ୍ୟାପକ ବିକାଶ କରିଛନ୍ତି।

ଏକଦା ନବୀନ ବାବୁଙ୍କ ଘନିଷ୍ଠ ପରାମର୍ଶଦାତା ଭାବେ ସ୍ୱର୍ଗତଃ କଳ୍ପତରୁ ଦାସଙ୍କୁ ବୁଝା ଯାଉଥଲା। ନବୀନ ନିବାସରେ ତାଙ୍କର ଅବାଧ ପ୍ରବେଶ ଓ ଦଳରେ ତାଙ୍କର ଅଖଣ୍ଡ ପ୍ରଭାବ ରହିଥିଲା। ଦଳର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତାଙ୍କର ସକ୍ରିୟ ଭୂମିକା ସମସ୍ତେ ମନେ ରଖିଛନ୍ତି। କିନ୍ତୁ ନିଜ ନିର୍ବାଚନ ମଣ୍ଡଳୀରେ କିପରି ଲୋକଙ୍କ ସୁଖଦୁଃଖ, ଭଲମନ୍ଦରେ ଜଡ଼ିତ ରହି ବ୍ୟାପକ ବିକାଶ ମାଧ୍ୟମରେ ଦଳର ଗଡ଼ ଭାବେ ତିଆରି କରିହୁଏ ଏହାର ବଡ଼ ଉଦାହରଣ ହେଉଛନ୍ତି ଧର୍ମଶାଳା ପାଇଁ ସ୍ୱର୍ଗତଃ କଳ୍ପତରୁ ବାବୁ। ଆଉ ଜଣେ ସୁଦକ୍ଷ, ଅନୁଭବୀ ଓ ପରିପକ୍ୱ ନେତାଙ୍କ ପୁଅ ଭାବେ ପ୍ରଣବ ବଳବନ୍ତରାୟ ଆଜି ବିଜେଡ଼ିରେ ନୂଆ ଚେହେରା ହୋଇ ରହିନାହାଁନ୍ତି। ବର୍ତ୍ତମାନର ବିଜେଡ଼ିର ଶକ୍ତିଶାଳୀ ଗ୍ରୁପରେ ସେ ରହିଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଏ। ଉଭୟ ସୁପ୍ରିମୋ ନବୀନ ବାବୁ ଓ କାର୍ତ୍ତିକ ପାଣ୍ଡିଆନଙ୍କ ସହ ତାଙ୍କ ସମ୍ପର୍କ ଖୁବ ଭଲ। ଆଉ ବିଜେଡ଼ିର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କର ସେ ଜଣେ ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ନବୀନ ବାବୁଙ୍କ ସରକାରରେ ଧର୍ମଶାଳାର ଅଭୂତପୂର୍ବ ବିକାଶ ହୋଇଛି। ନଦୀନାଳ ଘେରା ଆଉ ପାହାଡ଼ ପରି ପ୍ରାକୃତିକ ସମ୍ପତ୍ତି ରହିଥିବା ଏହି ନିର୍ବାଚନ ମଣ୍ଡଳୀର ଅନେକ ବିକାଶ ପ୍ରଣବ ବାବୁଙ୍କ ଦ୍ୱାରା ହୋଇପାରିଛି। ଯଦିଓ ଏହାର ଭିତ୍ତି ସ୍ୱର୍ଗତଃ କଳ୍ପତରୁ ଦାସ ପକାଇଥିଲେ। ନିଜ ମୂଳକରେ ସବୁବେଳେ ଲୋକମାନଙ୍କ ସମସ୍ୟା ସହ ଏକଜୁଟ ରହି ଏହାକୁ ମୁକାବିଲା କରିବା ସହ ପ୍ରଶାସନକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ବିକାଶକୁ ଯଦି ଆଗେଇ ନେବାର ନିର୍ବାଚନ ମଣ୍ଡଳୀ ଖୋଜା ପଡ଼େ ତାହାହେଲେ ଧର୍ମଶାଳା ସର୍ବାଗ୍ରେ ଆସିବ। ନବୀନ ବାବୁଙ୍କ ୫ଟି ସରକାରଙ୍କ ବିଶାଳ ରୂପାନ୍ତରଣ ମହାଯୋଜନାରେ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ହୋଇ କୃଷି କ୍ଷେତ୍ର ଠାରୁ ସଡ଼କ, ଶିଳ୍ପ ଠାରୁ ପାନୀୟ ଜଳ, ମହିଳା ବିକାଶ ଠାରୁ ଯୁବକଲ୍ୟାଣ ସବୁଥିରେ ବିକାଶର ହିଁ ଝଲକ। ବିକାଶ ଦ୍ୱାରା ଲୋକମାନଙ୍କ ହୃଦୟ ଜିଣି ହୁଏ ଆଉ ଲୋକମାନଙ୍କ ସହ ରହିବା ଦ୍ୱାରା ସେମାନଙ୍କ ସୁଖ ଦୁଃଖର ସାଥି ଭାବେ ଛିଡ଼ା ହେଲେ ସେମାନେ ଯେ ସମର୍ପିତ କର୍ମୀ ହୋଇପାରିବେ ଆଉ ଏହା ଭୋଟରେ ପରିଣତ ହେଲେ ବିଜୟ ତ ଅଭୂତପୂର୍ବ ନିଶ୍ଚୟ। ସ୍ୱର୍ଗତଃ କଳ୍ପତରୁ ବାବୁ ବିଜେଡ଼ିର ଯେଉଁ ସୁଦୃଢ଼ ଗଡ଼ର ଭିତ୍ତିଭୂମି ପକାଇଛନ୍ତି ଏହାକୁ ତାଙ୍କ ଯଥାର୍ଥ ଓ ଯୋଗ୍ୟ ଦାୟଦ ଭାବେ ପ୍ରଣବ ବଳବନ୍ତରାୟ ଆଗେଇ ନେବାରେ ସଫଳ ହୋଇଛନ୍ତି। ପ୍ରବୀଣ ପ୍ରଣବ ବଳବନ୍ତରାୟଙ୍କ ଜିତାପଟ ନେଇ କୌଣସି ବିନ୍ଦୁଏ ବି ଆଶଙ୍କା ନାହିଁ। ବିରୋଧୀଙ୍କ ସେପରି ନା ଶକ୍ତିଶାଳୀ ପ୍ରାର୍ଥୀ ଅଛନ୍ତି ନାଁ ସରକାରଙ୍କ କୌଣସି ବିକାଶ ବିରୁଦ୍ଧରେ ସ୍ଥାନୀୟ ଲୋକଙ୍କ ପ୍ରଶ୍ନ। ନିଶ୍ଚିନ୍ତ ବିଜୟ ସମ୍ଭାବନାରେ ଥିବା ପ୍ରଣବ ବଳବନ୍ତରାୟଙ୍କୁ ଆଗୁଆ ଶୁଭକାମନା ଜଣାଉଛି।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨*




# ପଟ୍ଟାମୁଣ୍ଡାଇ ଶୁଖୁଆବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଶୁଖୁଆବସ୍ତବାସିନ୍ଦାଙ୍କୁ ଥଇଥାନ ଦାବିରେ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଟ୍ଟାମୁଣ୍ଡାଇ ବେଲତଳର ଶୁଖୁଆପଡା ବସ୍ତିବାସିନ୍ଦା ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ୩୦ଟି ପରିବାରର ୧୫୦ରୁ ଉର୍ଦ୍ଧ୍ୱ ଲୋକ ପିଲାଛୁଆଙ୍କୁ ଧରି ହିଂସ୍ର ଜନ୍ତୁଙ୍କ ଗହଣରେ ଘନ ଜଙ୍ଗଲ ପୂର୍ଣ୍ଣ ବେଲତଳସ୍ଥିତ ଶୁଖୁଆପଡା ବସ୍ତିର ବସବାସ କରି ଆସୁଛନ୍ତି। ୧୦ବର୍ଷ ପୂର୍ବରୁ ସରକାର ବସ୍ତିବାସିନ୍ଦା ଥଇଥାନ ଯୋଜନାରେ ଏହି ଶୁଖୁଆପଡା ବସ୍ତିବାସିନ୍ଦାଙ୍କୁ ପଟ୍ଟାମୁଣ୍ଡାଇ ସ୍ମାର୍ଟ ପାର୍କ ନିକଟରେ ଗୃହ ନିର୍ମାଣ ପୂର୍ବକ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇ ଥଇଥାନ କରିବାକୁ ପ୍ରତିଶୃତି ଦେଇଥିଲେ। ସେହି ସମୟରେ ତତକାଳୀନ ଜିଲ୍ଲାପାଳ, ତହସିଲଦାର, ପୌରନିର୍ବାହୀ ଅଧିକାରୀ, ପୋଲିସ ଅଧିକାରୀ ଓ ପୌର ପରିଷଦର କାଉନସିଲରମାନଙ୍କୁ ଏକ ବୈଠକରେ ସ୍ଥିର କରାଯାଇଥିଲା ଯେ ପର୍ଯ୍ୟନ୍ତ ଶୁଖୁଆପଡା ବସ୍ତିବାସିନ୍ଦାଙ୍କୁ ଥଇଥାନ ନକରାଯାଇଛି ସେ ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ହଇରାଣ ହରକତ କରାଯିବନାହିଁ। କିନ୍ତୁ ସେହି ବସ୍ତି ମଧ ଦେଇ ଏକ ରାସ୍ତା ନିର୍ମାଣ କରାଯିବାକୁ ସ୍ଥିର କରାଯିବା ପରେ ସଂପୃକ୍ତ ରାସ୍ତା ନିର୍ମାଣକାରୀ ଠିକାସଂସ୍ଥା ପକ୍ଷରୁ ସେହି ବସ୍ତିକୁ ବିଭିନ୍ନ ସମୟରେ ଗୁଣ୍ଡା, ବଦମାସ ଓ ଅସାମାଜିକ ଲୋକଙ୍କୁ ପଠାଯାଇ ସେମାନଙ୍କୁ ଧମକଚମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଏଥିସହିତ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ ସେହି ସଂସ୍ଥା କାଟି ନେଉଥିବା ସେମାନେ ଅଭିଯୋଗ କରିଛନ୍ତି। ବସ୍ତିବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ସେମାନଙ୍କୁ ଥଇଥାନ କରାନଯାଇ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ କାଟିନେଲେ ସେମାନେ କିଭଳି ସେଠାରେ ବସବାସ କରିବେ। ପୋଲିସକୁ ଲଗାଇ ଯୋରଜବରଦସ୍ତି ସଂପୃକ୍ତ ଠିକାସଂସ୍ଥା ସେଠାରୁ ବଡ ବଡ ଗଛ କାଟିନେବାକୁ ଯୋଜନା କରିଥିବା ଅଭିଯୋଗ ହୋଇଛି। ବସ୍ତିବାସିନ୍ଦାମାନଙ୍କ ପକ୍ଷରୁ ଶୁଖୁଆପଡା ବସ୍ତିବାସିନ୍ଦା ସଙ୍ଘର ସଭାନେତ୍ରୀ ଶ୍ୟାମଳି ଦାସ, ସମ୍ପାଦିକା ଆଶାଲତା ସୁତାର, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦଳାଇ, ଝୁନା ସାହୁ, କବିତା ଭୋଇ, ସପନି ବେହେରା, ସଚିନା ତରାଇ, ଆରତୀ ସାହୁ, ରାଧାରାଣୀ ଭୋଇ, ସରସ୍ୱତୀ ମଣ୍ଡଳ, ମମତା ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ନିବେଦନ କରି କହିଛନ୍ତି ଯେ ସେମାନେ ରାସ୍ତା ନିର୍ମାଣକୁ ବିରୋଧ କରୁନାହାନ୍ତି। କିନ୍ତୁ ପ୍ରଥମେ ସେମାନଙ୍କୁ ଥଇଥାନ କରାଯିବା ପରେ ସେହି ବସ୍ତିରୁ ବଡ ବଡ ଗଛ ଗୁଡିକ କଟାଯାଇ ରାସ୍ତା ନିର୍ମାଣ କରାଯାଉ। ନଚେତ ସେମାନେ ରାଜରାସ୍ତାକୁ ଓହ୍ଲାଇ ଏଭଳି ଅନ୍ୟାୟ କାର୍ଯ୍ୟର ବିରୋଧ କରିବାକୁ ବାଧ୍ୟ ହେବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ।ୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, “ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।’’

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭଡିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ । ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସ୍ରୁତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ । ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି ।

# ବିଜେଡ଼ି ଓ ବିଜେପି ସମୟରେ ମହିଳା ଅସୁରକ୍ଷିତ, ସାମାଜିକ ନ୍ୟାୟ ବିପର୍ଯ୍ୟସ୍ତ

ଭୁବନେଶ୍ୱର, (ପି.ଏନ): ଦେଶ ଓ ରାଜ୍ୟରେ ମହିଳା ଅତ୍ୟାଚାର ବଢ଼ିଛି। ଶହ ଶହ ମହିଳାଙ୍କ ଜୀବନ ନଷ୍ଟ କରି ବିଜେପିର ନେତାମାନେ ଦେଶ ଛାଡ଼ି ପଳାଇଯାଉଛନ୍ତି। ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂପୂର୍ଣ୍ଣ ଚୁପ୍ ରହୁଛନ୍ତି। ମହିଳା ବିକାଶ ମନ୍ତ୍ରୀ ବି ମହିଳା ଅତ୍ୟାଚାର ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି। ଦେଶରେ ମହିଳା ଅତ୍ୟାଚାର ଦୁଇଗୁଣ ବଢ଼ିଛି। ଦେଶରେ ସାଢ଼େ ତିନି ଲକ୍ଷରରୁ ଚାରି ଲକ୍ଷ ମାମଲା ରହିଥିବାବେଳେ ପ୍ରଧାନମନ୍ତ୍ରୀ ଏସବୁ ଅପରାଧକୁ ଦଳୀୟ ଦୃଷ୍ଟି କୋଣରୁ ଦେଖୁଛନ୍ତି। ଦଳୀୟ କର୍ମକର୍ତା ଅପରାଧ କଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସେମାନଙ୍କ ଅପରାଧକୁ ଘଂଟ ଘୋଡାଯାଉଛି। ବନାରସ ବିଏଚ୍‌ୟୁ ମାମଲାରେ ପ୍ରଧାନମନ୍ତ୍ରୀ କାହିଁକି ମୁହଁ ଖୋଲୁ ନାହାନ୍ତି ବୋଲି ଓଡ଼ିଶା କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ମେଡ଼ିଆ ପ୍ରଭାରୀ ବବିତା ଶର୍ମା କହିଛନ୍ତି ଯେ ମଣିପୁର ପ୍ରସଙ୍ଗ ସାରା ବିଶ୍ୱରେ ଦେଶକୁ ଲଜ୍ଜିତ କରିଛି। ଜଣେ ଯବାନଙ୍କ ସ୍ତ୍ରୀଙ୍କୁ ନିବସ୍ତ୍ର କରି ଯେପରି ଭାବେ ରାଜରାସ୍ତାରେ ପ୍ୟାରେଡ଼ କରାଗଲା ତାହା ସଭ୍ୟ ସମାଜ ପାଇଁ ଅତି ନିନ୍ଦନୀୟ ଘଟଣା। ବିଜେପି ସରକାର ଯେତେବେଳେ ଜଣେ ଯବାନ ପତ୍ନୀଙ୍କୁ ସୁରକ୍ଷା ଦେଇ ପାରୁନାହିଁ, ସାଧାରଣ ମହିଳାଟିଏ କିପରି ସୁରକ୍ଷା ପାଇବ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ଠାରୁ ବିଜେଡ଼ି ମଧ କମ୍‌ରେ ନାହିଁ। ମହିଳା ଅପରାଧରେ ଓଡ଼ିଶା ଦେଶରେ ୪ର୍ଥ ସ୍ଥାନରେ ଅଛି, ଏକ ନମ୍ବର ହେବା ପାଇଁ ଚେଷ୍ଟା କରୁଛି। ପିପିଲିର ବେବୀନା, ମମିତା ମେହେର ଆଦି ଘଟଣାରେ ବିଜେଡ଼ି ନେତା ସଂପୃକ୍ତ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଘଂଟ ଘୋଡାଉଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରର କଥା ସେମାନଙ୍କୁ ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ କରି କି ବାର୍ତା ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏପରିକି ବିଧାୟକ ଶ୍ରୀକାନ୍ତ ସାହୁ ଓ ବିଜୟ ଶଙ୍କର ଦାସଙ୍କ ଭଳି ଅନେକ ବିଧାୟକ ଓ ମନ୍ତ୍ରୀ ମହିଳା ଦୁଷ୍କର୍ମରେ ସଂପୃକ୍ତ ରହିଥିବାବେଳେ ବିଜେଡ଼ି ସେମାନଙ୍କୁ ଟିକେଟ ଦେଇ ମହିଳାଙ୍କ ପ୍ରତି କେତେ ସମ୍ବେଦନ ତାହା ଜଣାପଡୁଛି। ସେ କହିଛନ୍ତି ଯେ ବିଜେପି ଦେଶର ସମ୍ବିଧାନକୁ ବଦଳାଇବା ପାଇଁ ଉଦ୍ୟେମ କରୁଥିବାବେଳେ ଦଳୀତ ମହିଳା ଓ ଓବିସିସି ସଂରକ୍ଷଣ ବିରୋଧରେ ନୀତିଗତ ନିଷ୍ପତି ନେଇଛି। କଂଗ୍ରେସ ଦଳୀତ ମହିଳା ଓ ଓବିସି ସଂରକ୍ଷଣ ସପକ୍ଷରେ କାର୍ଯ୍ୟ କରୁଥିଲେ ହେଁ ବିଜେପି ଏ ସବୁ ବିରୋଧରେ କାର୍ଯ୍ୟକରୁଛି। ରାଜ୍ୟରେ ବିଜେଡ଼ି କେନ୍ଦ୍ରର ବିଜେପି ସହ ସଦାସର୍ବଦା ପାଦ ମେଳାଇ ଆସୁଛି। ଉଭୟଙ୍କ ଭିତରେ ଖିର ଓ ନୀର ସଂପର୍କ ରହିଛି। ଉଭୟ ମହିଳା ବିରୋଧି ଓ ମହିଳାଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଉଦାସିନ ବୋଲି ଶ୍ରମତୀ ଶର୍ମା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ କହିଛନ୍ତି ଯେ ବିଜେପି ସମ୍ବିଧାନ ବିରୋଧି। ଆରଏସ୍‌ଏସ୍ ସମ୍ବିଧାନ ବଦଳେଇବା କଥ କହୁଛି। ବିଜେଡ଼ି ମଧ ସମ୍ବିଧାନ ବିରୋଧି ବିଜେପିକୁ ସମର୍ଥନ କରୁଛି। କିଭଳି ଗରୀବ, ମହିଳା, ଆଦିବାସୀ, ଦଳୀତ ଓ ଓବିସି ସମ୍ପ୍ରଦାୟ ସଂରକ୍ଷଣରୁ ବଂଚିତ ହେବେ ସେ ସକାଶେ ବିଜେପି ଅହରହ ଉଦ୍ୟମ ଚଳାଉଅଛି। ରାଜ୍ୟରେ ୬୩ ପ୍ରତିଶତ ଓବିସି ରହିଥିବାବେଳେ ୧୧.୨୫ ପ୍ରତିଶତ ଏହାର ସଂରକ୍ଷଣ ସୁବିଧା ପାଉଛନ୍ତି। ମଣ୍ଡଳ କମିଶନ ୨୭ ପ୍ରତିଶତ ସଂରକ୍ଷଣ ଦେବାକୁ ପ୍ରସ୍ତାବ ଦେଇଥିଲା ମାତ୍ର ସରକାର ଏହାକୁ ଅଣଦେଖା କରିଛନ୍ତି। ରାଜ୍ୟରେ ଆଦିବାସୀଙ୍କ ଜମି ହଡପ କରାଯାଇଛି। ସେମାନଙ୍କ ଜମିକୁ ସେମାନଙ୍କୁ ଫେରାଇ ଦିଆଯାଉନାହିଁ। ଛତିଶଗଡ଼ରେ କଂଗ୍ରେସ ସରକାର ଥିବାବେଳେ ବସ୍ତରର ଆଦିବାସୀଙ୍କୁ ସେମାନଙ୍କ ଜମିକୁ ଫେରାଇ ଦିଆଯାଇଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଫ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିମ୍ପସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସମ୍ପର୍କ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟପ୍ସ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି।




# ରାଜ୍ୟ ସରକାର ହିଂସା ଓ ଉପଦ୍ରବକାରୀଙ୍କୁ ପ୍ରୋତ୍ସାହିତ କରିବା ପରିବର୍ତ୍ତେ ଦୃଢ଼ ହସ୍ତରେ ଦମନ କରିବାକୁ ରାଜ୍ୟ କଂଗ୍ରେସର ଦାବି



ଭୁବନେଶ୍ୱର (ପିଏନ୍)-ଏକ ଅଭାବନୀୟ ଘଟଣାକ୍ରମରେ ସମଗ୍ର ରାଜ୍ୟକୁ ଲଜ୍ଜିତ କଲାଭଳି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କର ସାଧାରଣ ଜନତାଙ୍କ ଉପରେ ଗାଡ଼ି ଚଢ଼ାଇ ମାରିବାକୁ ଉଦ୍ୟମ କରିବା ଘଟଣାକୁ ପ୍ରଦେଶ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁଖପାତ୍ର ପ୍ରଶାନ୍ତ ଶତପଥି ଓ ପଦ୍ମାକର ଗୁରୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି । ସାଧାରଣ ଜନତାଙ୍କୁ ନିଜେ ମଦ୍ୟପାନ କରି ଅତି ଅମାନୁଷିକ ଭାବେ ଗାଡ଼ି ଚଢ଼ାଇ ୭ଜଣ ପୋଲିସ କର୍ମଚାରୀଙ୍କ ସହିତ ୧୫ରୁ ଅଧିକ ନିରୀହ ଜନତାଙ୍କୁ ଗମ୍ଭିର ଭାବେ ଆହତ କରିବା ଘଟଣା ଓଡ଼ିଶାର ରାଜନୈତିକ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ଆଜି ଚିଲିକା ନିର୍ବାଚନ ମଣ୍ଡଳୀ ବାଣପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଶାଂିପୂର୍ଣ୍ଣ ଉପାୟରେ ଚାଲିଥିଲା ବେଳେ ବିଧାୟକ ସେଠାରେ ପହଂଚି ଅତ୍ୟ' ଅମାନୁଷିକ ଭାବେ ଜୋରଜବରଦସ୍ତ ବ୍ଲକ ଅଫିସ ଭିତରକୁ ନିଜର ଏସ୍‌ୟୁଭି କାର ସହିତ ଧସେଇ ପସିବା ପାଇଁ ଉଦ୍ୟମ କରି ଉପସ୍ଥିତ ସାଧାରଣ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ ଯାହା ଫଳରେ ୨୨ ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଏଭଳି ଘୃଣ୍ୟ କାର୍ଯ୍ୟକୁ ଶ୍ରୀଯୁକ୍ତ ଶତପଥି କଡ଼ା ନିନ୍ଦା କରିବା ସହିତ କହିଥିଲେ ଯେ ଚିଲିକା ନିର୍ବାଚନ ମଣ୍ଡଳୀ ବାସୀ ଏଭଳି ବ୍ୟକ୍ତିଙ୍କୁ ନିଜର ପ୍ରତିନିଧି ଭାବରେ ନିର୍ବାଚିତ କରି ବିଧାନସଭାକୁ ପଠାଇଥିବାରୁ ଆଜି ନିଶ୍ଚୟ ଲଜ୍ଜିତ ଅନୁଭବ କରୁଥିବେ। ବିର ସ୍ୱାଧୀନତା ସଂଗ୍ରାମୀ କୃତିବାସ ପାଟଶାହାଣୀ ଓ ପଣ୍ଡିତ ଶ୍ରୀ ଗୋଦାବରିଶ ମିଶ୍ରଙ୍କ ଜନ୍ମ ମାଟିରେ ଏଭଳି ଘୃଣ୍ୟ, ନିନ୍ଦନୀୟ ଓ ଅମାନବିୟ ଘଟଣା ଖାଲି ଓଡ଼ିଶା ନୁହେଁ ସମଗ୍ର ଦେଶକୁ ସ୍ତବ୍ଧ କରିଛି। କେଉଁ ଅଦୃଶ୍ୟ ଶକ୍ତିର ବଳରେ ବଳିଆନ ହୋଇ ବିଧାୟକ ଜଗଦେବ ଲଗାତର ଭାବରେ ତାଙ୍କର ଗୁଣ୍ଡାଗିରୀ ବିଭିନ୍ନ ସମୟରେ ଏକାଧିକବାର କରିଚାଲିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କୁ ତୁର' ଦଳରୁ ବହିଷ୍କାର କରିବା ସହିତ ତାଙ୍କର ବିଧାୟକ ପଦକୁ ରଦ୍ଦ କରିବାପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିବାପାଇଁ କଂଗ୍ରେସ ଦାବି କରିଛି। ମୁଖପାତ୍ର ଶ୍ରୀ ପଦ୍ମାକର ଗୁରୁ ମୁଖ୍ୟମନ୍ତ୍ରୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ତୁର' ବିଧାୟକ ଜଗଦେବଙ୍କୁ ଏନଏସ୍‌ଏରେ ଗିରଫ କରିବା ସହିତ ବିଜେଡ଼ିର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିବେକି? ପଂଚାୟତ ନିର୍ବାଚନ ସମୟରେ ଯେଉଁ ହିଂସାର ବାତାବରଣ ସମଗ୍ର ଓଡ଼ିଶାବାସୀ ଦେଖିଥିଲେ ସମାନ କଥା ପୁର୍ନବାର ଆଜି ବ୍ଲକ ଅଧ୍ୟକ୍ଷ ନିର୍ବାଚନ ସମୟରେ ଦେଖିବାକୁ ମିଳିଲା ଏବଂ ଆଶଙ୍କା କରାଯାଉଛି କି ମୁନିସ୍‌ପାଲଟି ନିର୍ବାଚନରେ ମଧ୍ୟ ଏଭଳି ହିଂସା ସଂଗଠିତ ହୋଇପାରେ। ରାଜ୍ୟ ନିର୍ବାଚନ କମିଶନ ଏବଂ ପୋଲିସ ଡିଜି ଅନ୍ଧ ଧୃତରାଷ୍ଟ୍ରଭଳି ବ୍ୟବହାର ନକରି ଅପରାଧିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେ ଦାବି କରିଥିଲେ। ଦୀର୍ଘ ୨୨ ବର୍ଷର ଶାସନ ବ୍ୟବସ୍ଥା ଭିତରେ ରାଜନୀତିରେ ଅପରାଧିକରଣକୁ ପ୍ରୋତ୍ସାହିତ କରିବା ଓ ଅପାରଧିକ ତତ୍ୱଙ୍କ ଉପରେ କଡ଼ାକାର୍ଯ୍ୟାନୁଷ୍ଠାନ ନନେବା ଯୋଗୁଁ ଆଜି ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ୨୦୧୯ ସାଧାରଣ ନିର୍ବାଚନ ସମୟରେ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକଙ୍କ ଉପରେ ଘସିପୁରା ବିଧାୟକଙ୍କ ପୁଅ ଏବଂ ତାଙ୍କ ସମର୍ଥକ ମାନଙ୍କର ମରଣା'କ ଆକ୍ରମଣ ଉପରେ ମୁଖ୍ୟମନ୍ତ୍ରୀ ମୌନବ୍ରତ ଧାରଣ କରିଥିଲେ। ବର୍ତମାନ ଚିଲିକା ବିଧାୟକଙ୍କ ଅମାନୁଷିକ କାର୍ଯ୍ୟକଳାପକୁ ନେଇ ମୁଖ୍ୟମନ୍ତ୍ରୀ ନିରବ ରହିବା ରାଜ୍ୟବାସୀଙ୍କୁ ବିସ୍ମିତ କରୁଛି। ଆମର ଦାବି ତୁର' ଏଭଳି ଅପରାଧିକ ମାନସିକତାର ବ୍ୟକ୍ତିବିଶେଷଙ୍କ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇ ସାଧାରଣରେ ଦୃଷ୍ଟା'ମୂଳକ ଉଦାହରଣ ସୃଷ୍ଟି କରାଯାଉ।

## ପାରାଦୀପ ଇଫକୋ ୟୁନିଟ୍ ପକ୍ଷରୁ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ପାରାଦୀପ (ପିଏନ୍)-ପାରାଦୀପ-ସ୍ଥିତ ରାଷ୍ଟ୍ରାୟତ ଉଦ୍ୟୋଗ ତଥା ବୃହତ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ୫୧ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଫକୋର ପ୍ଲା ହେଲ୍‌ଥର ଉପଦେଷ୍ଟା କେ.ଏଲ୍.ସିଂ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍‌ର ବରିଷ୍ଠ ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ୍ ଯୋଗ ଦେଇଥିଲେ । କର୍ମଚାରୀ, ଶ୍ରମିକ ଏବଂ ଅଧିକାରୀମାନେ କାର୍ଯ୍ୟସ୍ଥଳରେ ସୁରକ୍ଷିତ ଭାବେ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଇଫକୋ ପାରାଦୀପ ୟୁନିଟ୍ ସର୍ବଦା ଦୁର୍ଘଟଣାମୁକ୍ତ ପ୍ଲା ଭାବେ ନିଜର ପରାକାଷ୍ଠା ପ୍ରତିପାଦିତ କରି ଆସିଛି । ଏହି ଧାରାକୁ ବର୍ଷତମାମ ବଜାୟ ରଖିବାକୁ ଅତିଥିମାନେ ନିବେଦନ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ । ଇଫକୋର ବରିଷ୍ଠ ଅଧିକାରୀ, ଇଫକୋ କର୍ମଚାରୀ ସଂଘର ସଭାପତି, ସମ୍ପାଦକ, ଇଫକୋ ଅଫିସର୍ସ ସଂଘର କର୍ମକ ାମାନେ ଏହି ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଥିଲେ । ଶେଷରେ ଇଫକୋର ଉତ୍ପାଦନ, ସୁରକ୍ଷା ଓ ପରିବେଶ ବିଭାଗର ସାଧାରଣ ପ୍ରବନ୍ଧକ ଆର.କେ. ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିବା ନେଇ ଇଫକୋର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

# ଅବ୍ୟକ୍ତ ଅଭିମନ୍ୟୁ

କାଳର କରାଳ ଗର୍ଭରେ ସିଂହାସନ, ସୌନ୍ଦର୍ଯ୍ୟ, ସମ୍ପତ୍ତି ଆଦି ସବୁ ଲୀନ ହୋଇଯାଇଥାଏ। ମାତ୍ର ଶୌର୍ଯ୍ୟ, ସହନଶୀଳତା ଓ ସୁଗୁଣର ପ୍ରତ୍ୟେକଟି ପାଖୁଡ଼ା କାଳଚକ୍ରରୁ ବାହାରି ଆସି ଅଧିକରୁ ଅଧିକ ପ୍ରସ୍ଫୁଟିତ ହୋଇଥାଏ। ମହାଭାରତରେ ଅଭିମନ୍ୟୁ ଚରିତ୍ର ସମ୍ପର୍କରେ ଆମେ ସଭିଏ ଜାଣୁ। କଳିଯୁଗରେ ଅଭିମନ୍ୟୁ ନାମଧାରୀ କିଛି ଆଦର୍ଶ ବ୍ୟକ୍ତିତ୍ୱ ସରଳ ଓ ନିରାଡମ୍ବର ଜୀବନ ଯାପନ ନିର୍ବାହନ କରିବା ସହ ଏ ସମାଜ ପାଇଁ ଛାଡିଦେଇ ଯାଇଛନ୍ତି 'ସମସ୍ତ ଲୋକାଃ ସୁଖୀନଃ ଭବନ୍ତୁ' ମନ୍ତ୍ରର ଅନେକ ଉଦାହରଣ। ମହାଭାରତରେ ଅଭିମନ୍ୟୁ ଚରିତ୍ରକୁ ନିଜ ଜୀବନ ଚକ୍ରରେ ସଠିକ ରୂପେ ନାମ ଓ ଗୁଣର ସମନ୍ୱୟକୁ ସମତୁଲ କରି ଅନ୍ୟାୟ ଏବଂ ଦୁର୍ନୀତି ବିରୁଦ୍ଧରେ ପ୍ରଚଣ୍ଡ ସ୍ୱର ଉତ୍ତୋଳନ କରିବା ସହ ଆଜିର ତଥାକଥିତ କୌରବ ପକ୍ଷମାନଙ୍କୁ ମଧ୍ୟ କେବେବି ଭୃକ୍ଷେପ ନକରି ନିଜର ସୁଖ,ଶାନ୍ତିକୁ ତିଳତିଳ କରି ଦଗ୍ଧ କରିଛନ୍ତି।

ଏମିତି ଜଣେ ମହାନାୟକ ହେଉଛନ୍ତି ଅବିଭକ୍ତ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ତିହିଡ ବ୍ଲକର ଅଭିମନ୍ୟୁ ନାୟକ। ୪୦ ଦଶକର ପ୍ରାରମ୍ଭରେ ଓଡ଼ିଶାର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିବିଶେ କେଉଁ ସ୍ଥିତିରେ ଥିଲା ତାହା ସମସ୍ତଙ୍କୁ ଊଣା ଅଧିକେ ଜଣା। ବ୍ରିଟିଶ ସରକାରଙ୍କ ଦମନଲୀଳା ସାଙ୍ଗକୁ ଜମିଦାର ଓ କିଛି ରାଜାମାନଙ୍କର ଅତ୍ୟାଚାର ମାନବିକତାର ସବୁ ଲକ୍ଷ୍ମଣରେଖାକୁ ଡେଇଁ ସାରିଥିଲା। ଭଦ୍ରକର ଭେଡା ରୂପରେ ପରିଚିତ ପୀରହାଟ ଅଞ୍ଚଳରେ ଏକ ଆଦର୍ଶ ପରିବାରରେ ଜନ୍ମଗ୍ରହଣ କରିଥିଲେ ଅଭିମନ୍ୟୁ ନାୟକ। ପିତା ପାଣ୍ଡବ ଓ ମାତା ହଂସମଣୀ ଦେବୀଙ୍କ ଔରସରୁ ୧୯୪୧ ମସିହା ଫେବୃଆରୀ ମାସ ୨୨ ତାରିଖରେ ଅଭିମନ୍ୟୁଙ୍କ ଜନ୍ମ। ଅଭିମନ୍ୟୁଙ୍କ ଜନ୍ମ ପୂର୍ବରୁ ପାଣ୍ଡବ ଓ ହଂସମଣୀ ଦେବୀଙ୍କ ଔରସରୁ ଯାତ ୩ଟି ଶିଶୁ ହଇଜା ଓ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହୋଇ ଇହଲୀଳା ସମ୍ବରଣ କରିସାରିଥିଲେ। ତିନି ତିନିଟି ଶିଶୁଙ୍କୁ ପର୍ଯ୍ୟାୟକ୍ରମେ ହରାଇବା ପରେ ପାଣ୍ଡବ ଓ ହଂସମଣୀ ଆଉ ଜନକଜନନୀ ନହେବା ପାଇଁ ଏକ ପ୍ରକାର କାୟିକ ଓ ମାନସିକ ପ୍ରତିଜ୍ଞାବଦ୍ଧ ମଧ୍ୟ ହୋଇସାରିଥିଲେ। ତେବେ ଏହି ସମୟରେ ଠାକୁର ଅଭିରାମ ପରମହଂସଙ୍କ କେତେକ ଶିଷ୍ୟ ଅର୍ଜ୍ଜୁନବିନ୍ଧାର ତତ୍‌କାଳୀନ ଜମିଦାରଙ୍କ ଆତିଥ୍ୟ ଗ୍ରହଣ କରିବା ସମୟରେ ପାଣ୍ଡବ ଓ ହଂସମଣୀଙ୍କ ସହ ସେମାନଙ୍କ ସାକ୍ଷାତ ହୁଏ। ସନ୍ତାନହରା ମ୍ରିୟମାଣ ଦମ୍ପତିଙ୍କୁ ଅଭିରାମ ପରମହଂସଙ୍କ ଜନୈକ ଶିଷ୍ୟ ଦର୍ଶନ ମାତ୍ରେ ସବୁ ଜାଣିଲା ପରି ପରମ ଆଶ୍ୱାସନା ଦେଇଥିଲେ ଏବଂ ଅଭିରାମଙ୍କ ଆଶୀର୍ବାଦରୁ ନିଶ୍ଚିତ ପୁତ୍ର ସନ୍ତାନ ଜାତ ହେବ ବୋଲି ପାଣ୍ଡବ ଓ ହଂସମଣୀଙ୍କୁ ଆଶୀର୍ବାଦ ଦେଇ ଚାଲିଯାଇଥିଲେ। ଏହାର ଠିକ୍ ବର୍ଷକ ପରେ ନିରାଶା ଓ ତମସାଚ୍ଛନ ଆକାଶରେ କୁଆଁତାରା ଅବିର୍ଭାବ ଭଳି ୧୯୪୧ ମସିହାରେ ପାଣ୍ଡବ ଓ ହଂସମଣୀ ଦେବୀଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜାତ ହୋଇଥିଲେ। ଅଭିରାମ ପରମହଂସଙ୍କ ଆଶୀର୍ବାଦ ଓ ହଂସମଣୀ ଦେବୀଙ୍କ ଜ୍ୟେଷ୍ଠଭ୍ରାତା ଗୋପୀନାଥ କୁଅଁରଙ୍କ ପରାମର୍ଶକ୍ରମେ ଏହି ଶିଶୁଟିର ନାମ ଅଭିମନ୍ୟୁ ରଖାଯାଇଥିଲା। ବାଲ୍ୟାବସ୍ଥାରେ ଅତ୍ୟନ୍ତ ରୋଗୀଣା ଓ କ୍ଷୀଣ ଶରୀର ଗଠନ ଯୋଗୁ ଅନେକ ଅଭିମନ୍ୟୁଙ୍କୁ ଶ୍ରଦ୍ଧାରେ ପେଜୁ ବୋଲି ସମ୍ବୋଧନ କରୁଥିଲେ। ମାତା ହଂସମଣୀ ଦେବୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଭିମନ୍ୟୁଙ୍କର ପାଠପଢ଼ାରେ ଶ୍ରୀଗଣେଶ ହୋଇଥିଲା। ତେବେ ଓଡ଼ିଆ ବର୍ଣ୍ଣମାଳା ଶିକ୍ଷା ସମୟରେ 'ଇ' ଅକ୍ଷର ଅଭ୍ୟାସକୁ ସମାପ୍ତ କରିବା ପାଇଁ ଅଭିମନ୍ୟୁଙ୍କୁ ଲାଗି ଯାଇଥିଲା ୨ ସପ୍ତାହରୁ ଅଧିକ ସମୟ। ଏଥିରେ ଉତ୍‌କ୍ଷିପ୍ତ ହୋଇ ମାତା ହଂସମଣୀ ଦେବୀ ଅଭିମନ୍ୟୁଙ୍କ ଆଙ୍ଗୁଠିକୁ ମୋଡି ଭାଙ୍ଗି ଦେଇଥିଲେ। ପର୍ଯ୍ୟାୟକ୍ରମେ ଅଭିମନ୍ୟୁଙ୍କର ପ୍ରାଥମିକ ଶିକ୍ଷା ସରିଥିଲା। ଏହାପରେ ଓଡ଼ିଶାରୁ ହାଇସ୍କୁଲ ପରୀକ୍ଷାରେ ଯେଉଁ ୧୧ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନଙ୍କ ମଧ୍ୟରେ ଅଭିମନ୍ୟୁ ଥିଲେ ଅନ୍ୟତମ। ବିଦ୍ୟା ଅଧ୍ୟୟନରେ ଅଭିମନ୍ୟୁଙ୍କ ରୁଚି ଓ ନିଷ୍ଠାକୁ ଦେଖି ତାଙ୍କ ମାମୁଁ ଗୋପୀନାଥ କୁଅଁର ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦେବା ପାଇଁ ଆଗେଇ ଆସିଥିଲେ। ଭଦ୍ରକ କଲେଜରୁ ସ୍ନାତକରେ ସମ୍ମାନର ସହ ଉତ୍ତୀର୍ଣ୍ଣ ହେବା ପରେ ପଶ୍ଚିମବଙ୍ଗର ଯାଦବପୁର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସେ ସ୍ୱର୍ଣ୍ଣପଦକ ସହ ସ୍ନାତକୋତ୍ତର ସମାପ୍ତ କରିଥିଲେ। ଏହାପରେ କଲିକତାରେ ଲବ୍ଧପ୍ରତିଷ୍ଠିତ ବ୍ୟବସାୟୀ ତଥା ମାମୁଁ ଗୋପୀନାଥ କୁଅଁର ନିଜର ସମସ୍ତ ବାଣିଜ୍ୟ ବ୍ୟବସାୟର ଭାର ଅଭିମନ୍ୟୁଙ୍କ ହାତରେ ଟେକିଦେବା ପାଇଁ ମନେ ମନେ ସ୍ଥିର କରନ୍ତି। ମାତ୍ର ଧର୍ମପରାୟଣ ପିତା ପାଣ୍ଡବଙ୍କ ତାଗିଦ୍ ଓ ସୁପରାମର୍ଶକ୍ରମେ ଅଭିମନ୍ୟୁ କଲିକତା ଛାଡି ଓଡ଼ିଶା ଫେରିଆସନ୍ତି। ଏହାପରେ ଓଏଏସ୍ ଲିଖିତ ପରୀକ୍ଷାରେ ବେଶ୍ ଭଲ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୁଅନ୍ତି। ମାତ୍ର ପାନ ଖାଇବା ବଦଭ୍ୟାସ ଯୋଗୁ ନିଜକୁ ସଙ୍କୁଚିତ ମନେକରି ସାକ୍ଷାତକାର ପରୀକ୍ଷାକୁ ନିଜଆଡୁ ବର୍ଜନ କରନ୍ତି। ଏହାପରେ ବିଇଡି ସମାପ୍ତ କରି ମାତ୍ର ୨୫ ବର୍ଷ ବୟସରେ ସର୍ବକନିଷ୍ଠ ପ୍ରଧାନଶିକ୍ଷକ ରୂପେ ଶିକ୍ଷକତା ଜୀବନ ଆପଣେଇ ନିଅନ୍ତି। ସମୟଚକ୍ରରେ ଅଭିମନ୍ୟୁଙ୍କର ବୈବାହିକ ଓ ସାମାଜିକ ଜୀବନଚକ୍ର ଅଧିକ ବିସ୍ତାରିତ ହୁଏ। ଓଡ଼ିଶାର ଅନ୍ୟତମ ଟାଣୁଆ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପରିଜନଙ୍କ ସହ ଅଭିମନ୍ୟୁଙ୍କର ବିବାହ ସମ୍ପନ୍ନ ହୁଏ। ଦୁଇ ଭାଇ ଓ ତିନି ଭଉଣୀଙ୍କ ଭଳି ଯୌଥ ପରିବାରର ଡଙ୍ଗାକୁ ମୁଖ୍ୟ ନାବିକ ରୂପେ ଅଭିମନ୍ୟୁ ଓ ତାଙ୍କ ସହଧର୍ମିଣୀ କମଳିନୀ ଦେବୀ ଆଗେଇ ନିଅନ୍ତି।

ପାରିବାରିକ ଦାୟିତ୍ୱବୋଧ ବ୍ୟତୀତ ସାମାଜିକ ଉତ୍ତରଦାୟିତ୍ୱ ଓ ନିଷ୍ପେସିତ ବର୍ଗଙ୍କ ହକ୍ ପାଇଁ ନ୍ୟାୟିକ ଓ ଅନ୍ୟାନ୍ୟ ଲଢ଼େଇ ଅଭିମନ୍ୟୁଙ୍କ ଜୀବନରେ ଥିଲା ସବୁଠାରୁ ବଡ ବ୍ରତ। ସେ ସମୟରେ ମ୍ୟାନେଜିଂ କମିଟିର ସଖି କଣ୍ଢେଇ ରୂପେ ପରିଚାଳିତ ହୁଅନ୍ତି ବିଭିନ୍ନ ହାଇସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀମାନେ। ଏଭଳି ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ହକ୍ ପାଇଁ ଅଭିମନ୍ୟୁଙ୍କ ଲଢ଼େଇ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ହାଇକୋର୍ଟରେ ଏକ ରାୟରେ ଏକ ମାସର ଅର୍ଥ ୩୦ଦିନ ରୂପେ ଏକ ନୂଆ ଧାରା ଯୋଡି ହେବା ସହ ଏହା ଅଭିମନ୍ୟୁଙ୍କ କେସ୍ ନମ୍ବର ନାମରେ ନାମିତ ହୋଇଛି। ନୀଳମଣି ରାଉତରାୟଙ୍କ ପରିଜନ ହେତୁ ଅନେକ ସମୟରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିରୋଧୀ ରାଜନୈତିକ ଗୋଷ୍ଠୀଙ୍କ ବିଭିନ୍ନ ହୀନ ଆକ୍ରୋଶର ଶିକାର ହୋଇଛନ୍ତି ଅଭିମନ୍ୟୁ। ତେବେ ସତ୍ୟମେବ ଜୟତେ ମନ୍ତ୍ରରେ ଅଭିମନ୍ତ୍ରିତ ଅଭିମନ୍ୟୁ କର୍ତ୍ତବ୍ୟ ପରାୟଣତା ଓ ଦାୟିତ୍ୱବୋଧତାରେ କୌଣସି ଊଣା ନକରି ଆଦର୍ଶର ଅଭିବ୍ୟକ୍ତି କ'ଣ; ସେ ନେଇ ଛାଡି ଯାଇଛନ୍ତି ଶହ ଶହ ଉଦାହରଣ।

ସମ୍ପର୍କର ପରିଭାଷା କେବଳ ଔରସରୁ ଜାତ, ରକ୍ତ, ଜ୍ଞାତିକୁଟୁମ୍ବ ଓ ପରିଜନର ପରିସର ନୁହେଁ। ଏଭଳି ପରିଧିର ଗଣ୍ଡି ଭିତରୁ ବାହାରି; ସମ୍ପର୍କ କିପରି ଆବେଗିକ ଓ ସମ୍ବେଦନଶୀଳତାର ପ୍ରତ୍ୟେକଟି ପର୍ଯ୍ୟାୟରେ ମହାପରୀକ୍ଷାର ସମ୍ମୁଖୀନ ହୋଇ ପ୍ରତ୍ୟେକଟି ସମ୍ପର୍କ ସତ୍ୟ, ସ୍ୱାତିକ, ପ୍ରେମମୟ, ଚିରନ୍ତନ ଓ ରସୁଆଳର ମହାଭିତ୍ତିଭୂମି ଉପରେ ଦଣ୍ଡାୟମାନ ହେବା ଜରୁରୀ; ସେ ନେଇ ଅନେକ ଘଟଣା ଅଭିମନ୍ୟୁଙ୍କ ବ୍ୟକ୍ତିତ୍ୱର ସମଷ୍ଟିଗତ ଗୁଣକୁ ବୁଝାଇଥାଏ। ଅନୁରୂପକ ଓ ପରିପୂରକ ପରିବେଶର ଲାଞ୍ଛିତ ହେବା ସତ୍ତ୍ୱେ ଅଭିମନ୍ୟୁ କେବେବି ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ୍ ହୋଇନାହାନ୍ତି। ଜୀବନରେ କାହା ପାଖରେ ହାତ ପାତି ନଥିବା ଅଭିମନ୍ୟୁ ଅନେକ ଲୋକଙ୍କୁ ହାତ ଟେକି ଖୋଲା ହୃଦୟରେ କରିଛନ୍ତି ଅନେକ ସାହାଯ୍ୟ। ପ୍ରତିଦାନରେ କିନ୍ତୁ ତାଙ୍କୁ ମିଳିଛି ବିଶ୍ୱାସଘାତକତା। କିନ୍ତୁ ଏଥିରେ ଅଭିମନ୍ୟୁ ଭାଙ୍ଗି ନପଡି କେବଳ ସ୍ମିତହାସ୍ୟଟିଏ ଦେଇଛନ୍ତି। ଜୀବନର ୮୨ରୁ ଊର୍ଦ୍ଧ୍ୱ ବସନ୍ତକୁ ଅତି ନିକଟରୁ ପରଖି ସାରିଥିବା ଅଭିମନ୍ୟୁ ଶେଷରେ ଜୀବନ ଯୁଦ୍ଧରେ ହାରିଯିବେ ବୋଲି ସମସ୍ତଙ୍କ କଳ୍ପନାରୁ ଥିଲା ବାହାରେ। ପୁଅ, ବୋହୂ, ଜ୍ଞାତିକୁଟୁମ୍ବ ଓ ଡାକ୍ତରଙ୍କ ସବୁପ୍ରକାର ସେବା, ଶୁଶ୍ରୁଷା ଓ ଚିକିତ୍ସା ଅଭିମନ୍ୟୁଙ୍କୁ ନିଶ୍ଚିତ ନୂଆ ଜନ୍ମ ଦେବ ବୋଲି ସମସ୍ତଙ୍କର ଆଶା ଓ ବିଶ୍ୱାସ ଥିଲା। ମାତ୍ର ବିଧିର ବିଧାନ ବଡ ବିଚିତ୍ର। ଅସୁସ୍ଥତାର ଚକ୍ରବ୍ୟୁହକୁ ଛେଦନ କରି ନୂଆ ଜୀବନ ପାଇଁ ସଜବାଜ ହେଉଥିବା ବେଳେ ହଠାତ୍ ଯମଦୂତଙ୍କ ନିଷ୍ଠୁରତା ସବୁ ଅଙ୍କକୁ ଏପଟ ସେପଟ କରିଦେଲା। ୨୦୨୨ ମାର୍ଚ୍ଚ ୩ ତାରିଖ ଗୁରୁବାର ଶୁକ୍ଳପକ୍ଷ ପୂର୍ବାହ୍ନରେ ଅଭିମନ୍ୟୁଙ୍କ ଶରୀରରୁ ଆତ୍ମା ଅଲଗା ହୋଇଯାଇଥିଲା। ନିଜ ଜନ୍ମମାଟି ଅର୍ଜ୍ଜୁନବିନ୍ଧାରେ ହୋଇଥିଲା ଅଭିମନ୍ୟୁଙ୍କ ଶେଷକୃତ୍ୟ। ତେବେ ଜୁଇରେ ଅଗ୍ନି ସଂଯୋଗଠାରୁ ଜୁଇ ଲିଭିବା ପର୍ଯ୍ୟନ୍ତ ଏହା ଯେପରି ତେଜିୟାନ ଓ ଉଜ୍ଜ୍ୱଳ ଭାବେ ଝଲସୁଥିଲା ତାହା ତାଙ୍କ ବ୍ୟକ୍ତିତ୍ୱର ଶୌର୍ଯ୍ୟ, ଶକ୍ତପଣ ଓ ଉଦାମତା ବଖାଣୁଥିଲା।

ସତ୍ୟସାଇ ଓ ଶିରିଡିସାଇଙ୍କ ଭକ୍ତ ରୂପେ ଦୀର୍ଘ ୫ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିଜ ଗ୍ରାମରେ ସତ୍ୟସାଇଙ୍କ ଜନ୍ମବାର୍ଷିକକୁ ମହାଆଡମ୍ବର ସହ ପାଳନ ପୂର୍ବକ ଅନ୍ନଯଜ୍ଞରେ ଶ୍ରଦ୍ଧାଳୁମାନଙ୍କୁ ଆପ୍ୟାୟିତ କରିଆସୁଥିଲେ ଅଭିମନ୍ୟୁ। ଏହି ଅନ୍ନଯଜ୍ଞ ଧାରାକୁ ତାଙ୍କ ପରସୁରୀମାନେ କେତେଦୂର ବଜାୟ ରଖୁଛନ୍ତି ତାହା ସମୟ କହିବ। ସେହିପରି ନିଜ ଆତ୍ମଜୀବନୀକୁ ସ୍ୱହସ୍ତରେ ଅଭିମନ୍ୟୁ ମୃତ୍ୟୁର ମାତ୍ର କିଛିଦିନ ପୂର୍ବରୁ ଶେଷ କରିଛନ୍ତି। ଶିରିଡିସାଇଙ୍କ ଆଳତି ସମୟରେ ବୋଲା ଯାଉଥିବା ପ୍ରାର୍ଥନାକୁ ନିଚ୍ଛକ ଓଡ଼ିଆ ଶୈଳୀରେ ଏକ ସ୍ୱତନ୍ତ୍ର ଭାବଧାରାରେ କିପରି ଆଳତି ହେବା ଜରୁରୀ ସେ ନେଇ ମଧ୍ୟ ସ୍ୱପ୍ନାଦେଶରେ ପାଇଥିବା ଆଦେଶକୁ ନିଜର ଲେଖନୀରେ ଆଙ୍କିଛନ୍ତି। ଇଂରାଜୀ ଭାଷାରେ ଉଚ୍ଚତର ଓ ସ୍ୱତନ୍ତ୍ର ପାଣ୍ଡିତ୍ୟ ରଖିଥିବା ଅଭିମନ୍ୟୁ ନିଜ ପାଠାଗାରରେ ୨୦ ହଜାରରୁ ଊର୍ଦ୍ଧ୍ୱ ବିରଳ ପୁସ୍ତକ ଏକାଠି କରି ବିଭିନ୍ନ ଅନୁଷ୍ଠାନକୁ ଦାନ କରୁଥିଲେ।

ଅତୃପ୍ତ ତୃପ୍ତ ହେବା ଜରୁରୀ। ଅଦୃଶ୍ୟର ଦୃଶ୍ୟ ଏକାନ୍ତ ଆବଶ୍ୟକ। ମାତ୍ର କର୍ତ୍ତବ୍ୟ ଯଜ୍ଞରେ ଯିଏ ମହାମୋକ୍ଷ ପାଇସାରିଥାଏ ତା'ପାଇଁ ଆଉ କ'ଣ ଆବଶ୍ୟକ। ଅଭିମନ୍ୟୁଙ୍କ ନୀତି ଓ ଆଦର୍ଶ 'ସର୍ବଜନ ହିତାୟ' ନ୍ୟାୟରେ ତାଙ୍କ ପରସୁରୀମାନେ ଆଗେଇ ନେଇପାରିଲେ ଏହା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଓ ଅବ୍ୟକ୍ତ ଅଭିମନ୍ୟୁର ଅନାଲୋଚିତ ଦିଗକୁ ଉଦ୍‌ଭାସିତ କରିବା ପାଇଁ ପ୍ରୟାସ।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## କେନ୍ଦ୍ରାପଡା କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ ଉଦଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ "ଜଳବାୟୁ ପରିବ ିନ" ଶୀର୍ଷକ ବିଷୟ ଉପରେ ଏକ ଜାତୀୟ ସମ୍ମାନ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡଃ. ଆଦିତ୍ୟ ପ୍ରସାଦ ଦାସଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ସମ୍ମାନରେ ଅଧ୍ୟକ୍ଷତା କରି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ରଖିଥିଲେ। ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ମହାବିଦ୍ୟାଳୟର ଗୌରବ ଓ ଗାରିମା ବିଷୟରେ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ଡଃ. ଦାସ ଜଳବାୟୁ ପରିବ ିନ ଉପକୂଳ ଅ ଳର ଜୈବ ବିବିଧତା ଉପରେ କେଉଁଭଳି କୁ ପ୍ରଭାବ ପକାଉଛି ଏବଂ ଏହାର ପ୍ରତିକାର ଓ ସଂରକ୍ଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନରେ ସମ୍ମାନୀୟ ଅତିଥି ଭାବେ ଆନ୍ଧ୍ର କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଉପକୂଳପତି ଡଃ. କେ. କାମେଶ୍ୱର ରାଓ ଜଳବାୟୁ ପରିବ ିନ ଉପକୂଳ ଅ ଳର ମୂ ିକା କ୍ଷୟ ହେବା ଦ୍ୱାରା ସମ୍ଭାବ୍ୟ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମ୍ମାନରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଉପକୂଳପତି ଡଃ. ଶରତ ପାଲିତା ଜଳବାୟୁ ପରିବ ିନ ଯୋଗୁଁ ବାୟୁମଣ୍ଡଳର ଉ ାପ ବୃଦ୍ଧି ଓ ଜୀବ ଜଗତ ଉପରେ ପଡିବାକୁ ଯାଉଥିବା ସାମଗ୍ରିକ ପ୍ରଭାବ ଓ ଏହାର ପ୍ରତିକାର ବିଷୟରେ ଆଲୋକପାତ କରିଥିଲେ। ସମ୍ମାନର ଆବାହକ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡଃ. ଗୌର ପ୍ରସାଦ ଷଡଙ୍ଗୀ ବିଷୟ ବସ୍ତୁ ଉପରେ ଅବଗତ କରାଇଥିଲେ। ସମ୍ମାନର କାର୍ଯ୍ୟକାରୀ ସମ୍ପାଦିକା ପ୍ରାଧ୍ୟାପିକା ଡଃ. ବାସନ୍ତୀ ଶୁକ୍ଳା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପୂର୍ବାଶା ପ୍ରିୟଦର୍ଶିନୀ ସମ୍ମାନର ସଂଯୋଜନା କରିଥିବା ବେଳେ ଆଇକ୍ୟୁଏସି ସଂଯୋଜକ ଡଃ. ପ୍ରମୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହାବ୍ୟତିତ ବୈଷୟିକ ଅଧିବେସନରେ ରିସୋର୍ସ ପର୍ସନ ଭାବେ ଯୋଗଦେଇ ଭାରତୀୟ ପାଣିପାଗ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡଃ. ଶରତ ସାହୁ, ଓଡିଶା ପରିବେଶ ସଂସ୍କାର ସମ୍ପାଦକ ଡଃ. ଜୟକୃଷ୍ଣ ପାଣିଗ୍ରାହୀ, ରେଭେନ୍ସା ସ୍ନାତ ାକତର ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡଃ. ଲୁନା ସାମନ୍ତ ଓ ଅଧାପିକା ଡଃ. ଦିପ୍ତୀ ରାଓ୍ୱତ, ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଦ୍ୟା ସ୍ନାତ ାକତର ବିଭାଗ ମୁଖ୍ୟ ଡଃ. ବିଷ୍ଣୁ ଦାସ ଜଳବାୟୁ ପରିବ ିନର କାରଣ, ପ୍ରଭାବ ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ଏହାକୁ ଅଧାପିକା ଡଃ. ଶୁଚିସ୍ମିତା ବେହେରା ସଂଯୋଜନା କରିଥିଲେ। ଏହି ସମ୍ମାନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ପ୍ରତିନିଧି, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ଅଧାପକ ପ୍ରଶାନ୍ତ ସାହୁ, ହିମାଂଶୁ ମହାପାତ୍ର, ପ୍ରାଧାପକ ଅଶୋକ କୁମାର ଦାସ, ଡଃ. ଜ୍ଞାନୀନ୍ଦ୍ର ଦାଶ, ଡଃ. ପ୍ରଭାକର ମଲ୍ଲିକ, ରଞ୍ଜିତ କୁମାର ଦାସ ସମ୍ମାନର ସଫଳତା ପାଇଁ ସହଯୋଗ କରିଥିଲେ। ଶେଷରେ ଲେଫ୍ଟନା ସୀମା ମହାନ୍ତି, ଜୟଶ୍ରୀ ଆଚାର୍ଯ୍ୟ ଓ ସାୟଦା ନେହଲା ସାହିନଙ୍କ ସହାୟତାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶିକ୍ଷକ ନେତା ତଥା ପାଇକ ସଙ୍ଗଠନର ଉପଦେଷ୍ଟାଙ୍କ ସ୍ମୃତିଚାରଣ ସଭା



ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣିତୀର ଗ୍ରାମର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକନେତା, ଅନୁ ନିରୀକ୍ଷକ ଓ ପାଇକ ସଙ୍ଗଠନର ଉପଦେଷ୍ଟା ସ୍ୱର୍ଗତ ଗୋଦାବରୀଶ ପାଇକରାୟଙ୍କ ଦ୍ୱାଦଶାହ ଅବସରରେ ନିଜ ବାସଭବନରେ ଶିକ୍ଷକ ନେତା ସୁମନ୍ତ ଛୋଟରାୟଙ୍କ ସଭାପତିତ୍ୱ ଓ ପ୍ରଧାନଶିକ୍ଷକ ଜମ୍ବେଶ୍ୱର ମଙ୍ଗରାଜଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ବଳରାମ ରଣସିଂହ, ଖଣ୍ଡାୟତ କଳକୀ ସେନାର ସଭାପତି ଯୋଗୀନାଥ ବଳିୟାର ସିଂହ, କୋଷାଧ୍ୟକ୍ଷ ନବକିଶୋର ବିଧାର,ଶିକ୍ଷକ ମନମୋହନ ମିଶ୍ର, ବସନ୍ତ ଉତର କବାଟ,ରାଜ୍ୟ ଉପସଭାପତି କିଶୋର ଚନ୍ଦ୍ର ମହାରଥା, ଯୁଗ୍ମ ସମ୍ପାଦକ ବୈକୁଣ୍ଠ ମହାରଣା, ପୂର୍ବତନ ବିଇଓ ଲଛମନ ପରିଡା, ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ନିକୁଂଜ ମହାପାତ୍ର ଓ ଅବସରପ୍ରାପ୍ତଶିକ୍ଷକ ବଟକୃଷ୍ଣ ପରିଡା ଓ ଏବିଇଓ ଦିଲ୍ଲୀପ କୁମାର ମହାପାତ୍ର ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତଃ ପାଇକରାୟଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଭଣଜା ମାନସ ରଞ୍ଜନ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧ୍ୟାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ବ୍ୟାଗ୍ ଝାମ୍ପି ନେଲା ଦୁର୍ବୃତ୍ତ, ବାଇକ୍‌ରୁ ଖସି ମହିଳା ଆହତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଜାରକା ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ୧୬ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ୍ ଉପରୁ ଆଜି ସଂଧ୍ୟାରେ ବାଇକ୍ ପଛରେ ବସି ଯାଉଥିବା ଜଣେ ମହିଳାଙ୍କ ରୂପା ଅଳଙ୍କାର ଥିବା ଭ୍ୟାନିଟ୍ ବ୍ୟାଗ୍‌କୁ ଝାମ୍ପି ନେଇଛି ଦୁର୍ବୃତ । ଟଣାଭିଡ଼ା ସମୟରେ ବାଇକ୍‌ରୁ ଖସି ମହିଳା ଆହତ ହୋଇଛନ୍ତି । ଆହତ ମହିଳା ହେଉଛନ୍ତି ବାରବାଟି ଅଂଚଳର ତନୁଶ୍ରୀ ବେହେରା(୩୦) । ସୂଚନା ଅନୁସାରେ, ତନୁଶ୍ରୀ ସ୍ୱାମୀଙ୍କ ସହିତ ଜାରକାସ୍ଥିତ ଏକ ସୁନା ଦୋକାନ ପରିସର ଅଳଙ୍କାର ମରାମତି କାରିଗରଙ୍କ ପାଖକୁ ଆସିଥିଲେ । ସେଠାରେ ରୂପା ଅଳଙ୍କର ମରାମତି କରି ବାଇକ୍ ପଛରେ ବସି ଘରକୁ ଫେରୁଥିଲେ । ସୁନା ଦୋକାନରୁ ବାହାରିବା ସମୟରେ ସେ ସୁନା ଅଳଙ୍କାର କିଣିଥିବା ଅନୁମାନ କରି ୨ଜଣ ଦୁର୍ବୃତ ଏକ ବାଇକ୍‌ରେ ମହିଳାଙ୍କୁ ପିଛା କରିଥିଲେ । ତେବେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ପୁରୁଣା ବ୍ରାହ୍ମଣୀ ବ୍ରିଜ୍‌ରେ ଜଣେ ଦୁର୍ବୃତ ତନୁଶ୍ରୀ କାନ୍ଧରେ ପକାଇଥିବା ଭ୍ୟାନିଟି ବ୍ୟାଗ୍‌କୁ ଝାମ୍ପି ନେଇ ବାରବାଟି ବଜାର ଆଡ଼େ ଚମ୍ପଟ ମାରିଥିଲେ । ଭିଡ଼ାଟଣା ସମୟରେ ସେ ବାଇକ୍‌ରୁ ଖସି ଆହତ ହୋଇଥିଲେ । ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଆହତ ପତ୍ନୀଙ୍କୁ ନେଇ ସ୍ୱାମୀ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ । ତେବେ ଏ ସଂପର୍କରେ ଥାନାରେ ଅଭିଯୋଗ ହୋଇନଥିବା ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ

ପାରାଦୀପ,(ପି.ଏନ):ପାରାଦୀପ ଉପକଣ୍ଠ ଦୋଛକି ମଧୁ ପାର୍କଠାରେ ଉତ୍କଳ ଗୌରବ କୂଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପର ନଗରପାଳ ତଥା ପାରାଦୀପ ବାର୍ ଆସୋସିଏସନ୍‌ର ଉପସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ସମେତ ।ରାଦୀପ ବାର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ତପନ କୁମାର ଦାଶ, ଅନ୍ୟତମ ଉପସଭାପତି କୈଳାଶ ଚନ୍ଦ୍ର ସାହୁ, ସମ୍ପାଦକ ରବିନ୍ଦ୍ର କୁମାର ଜେନା,କାର୍ଯ୍ୟକାରୀ ସଦସ୍ୟ ସଂଜୟ କୁମାର ମିଶ୍ର, ନିରଜଂନ ରାଉତ, ପୌର ଉପାଧ୍ୟକ୍ଷ ଛବିଲତା ରାଉତ, ପାରିଷଦ ଅଜିତ କୁମାର ଷଡଙ୍ଗୀ, ସୁକାନ୍ତ କୁମାର ଦାସ, ସୁବ୍ରମଣି ନାଗ ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସ୍ମୃତି ସଭାରେ ଅତିଥିମାନେ ମଧୁବାବୁଙ୍କ ସ୍ୱାଭିମାନ, ଆଇନଜୀବୀ ଭାବେ ତାଙ୍କର କାର୍ଯ୍ୟାବଳି ସମ୍ପର୍କରେ ଆଲୋଚନା କରିବା ସହିତ ମଧୁବାବୁଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ

# ଅଜଣା ରୋଗ ନେଲାଣି ୭ ଜୀବନ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


MAHARISHI PUBLIC SCHOOL



2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday April 30, 2024 ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ ୩୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଧର୍ମଶାଳା ନିର୍ବାଚନମଣ୍ଡଳୀରେ କିଏ ମାରିବ ବାଜି ?

ଧର୍ମଶାଳା, (ପିଏନ୍): ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନମଣ୍ଡଳୀ । ମୁଖ୍ୟତଃ ଏହି ନିର୍ବାଚନମଣ୍ଡଳୀ ଧର୍ମଶାଳା ଓ ରସୁଲପୁର ବ୍ଲକର ୫୪ ଗୋଟି ପଂଚାୟତକୁ ନେଇ ଗଠିତ ହୋଇଛି । ଏହି ନିର୍ବାଚନ ମଣ୍ଡଳୀରେ ଧର୍ମଶାଳା ବ୍ଲକର ସମସ୍ତ ୪୫ଗୋଟି ଏବଂ ରସୁଲପୁର ବ୍ଲକର ୯ଗୋଟି ପଂଚାୟତ ରହିଛି । ଏହି ନିର୍ବାଚନ ମଣ୍ଡଳୀର ଭୋଟର ସଂଖ୍ୟା ୨ଲକ୍ଷ ୨୯ହଜାର ୮୭୯ଜଣ ଥିବା ବେଳେ ୧ଲକ୍ଷ ୧୮ହଜାର ୯୦୦ଜଣ ପୁରୁଷ ଏବଂ ୧ଲକ୍ଷ ୧୦ହଜାର ୭୭୯ଜଣ ମହିଳା ରହିଛନ୍ତି । ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ୫୨ହଜାର ୭୩୯ଖଣ୍ଡ ଭୋଟରେ ବିଜେପି ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡାଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ । ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କୁ ୧ଲକ୍ଷ ୧ହଜାର ୩୬୪ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେପି ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡା ୪୮ହଜାର ୬୨୫ଖଣ୍ଡ ଭୋଟ ପାଇଥିଲେ । କଂଗ୍ରେସ ପ୍ରାର୍ଥୀ ସ୍ମୃତିରେଖା ପହିଙ୍କୁ ମିଳିଥିଲା ୧୮ହଜାର ୫୮୮ଖଣ୍ଡ ଭୋଟ । ସେହିପରି ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ୮୫ହଜାରରୁ ଉର୍ଦ୍ଧ୍ୱ ଭୋଟରେ କଂଗ୍ରେସ ପ୍ରାର୍ଥୀ ଶ୍ରୀନାଥ ମିଶ୍ରଙ୍କୁ ପରାସ୍ତ କରି ପ୍ରଥମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୧୯୯୫ ମସିହାରୁ ଧର୍ମଶାଳା ବିଧାନସଭା କ୍ଷେତ୍ର ଆସନରୁ ଲଗାତାର ଭାବେ ୪ଥର ବିଧାୟକ ହୋଇଥିଲେ ସ୍ୱର୍ଗତଃ କଳ୍ପତରୁ ଦାସ । ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହେବା ପରେ ୨୦୧୪ ମସିହାରେ ନିଜ ପୁତ୍ର ପ୍ରଣବ କୁମାର ବଳବନ୍ତରାୟଙ୍କୁ ନିର୍ବାଚନ ଲଢିବାକୁ ସୁଯୋଗ ଦେଇଥିଲେ । ପ୍ରଣବ ସ୍ୱର୍ଗତଃ ପିତାଙ୍କ ଅଧୁରା ସ୍ୱପ୍ନକୁ ପୁରଣ କରିବା ଏବଂ ଧର୍ମଶାଳାର ବିକାଶକୁ ଆଉ ଦୁଇ ପାଦ ଆଗକୁ ନେବାକୁ ଲକ୍ଷ୍ୟ ରଖି ଜିଲ୍ଲାରେ ସର୍ବାଧିକ ଭୋଟରେ ବିଜୟ ହାସଲ କରିଥିଲେ । ୨୦୧୯ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଏଠାରୁ ପ୍ରାର୍ଥୀ କରିଥିଲା ଏବଂ ସେ ବିଜୟୀ ହୋଇ ଦ୍ୱିତୀୟଥର ପାଇଁ ବିଧାୟକ ହୋଇଥରଲେ । ଚଳିତଥର ଦଳ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପରେ ପୁନ୍ନ ଆସ୍ଥା ପ୍ରକଟ କରି ତାଙ୍କୁ ଧର୍ମଶାଳାରୁ ପ୍ରାର୍ଥୀ ଭାବେ ମନୋନିତ କରିଛି । ପ୍ରଣବ ରାଜ୍ୟ ବିଜେଡିର ସାଧାରଣ ସଂପାଦକ ଦାୟିତ୍ୱ ତୁଲାଉଥିବା ବେଳେ ରାଜ୍ୟ ରାଜନୀତିରେ ବିଜୁ ଯୁବ ଏବଂ ଛାତ୍ର ଜନତା ଦଳ ସଂଗଠନକୁ କ୍ରିୟାଶୀଳ କରିବାରେ ମଧ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ବିଧାୟକ ପ୍ରଣବ ବଳବନ୍ତରାୟଙ୍କ କହିବା କଥା, ଧର୍ମଶାଳାର ଅନେକ କିଛି ବିକାଶ ହୋଇଛି ଏବଂ ଏହାର ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଗମନାଗମନ କ୍ଷେତ୍ରରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ଆଗରେ ରହିଥିବା ବେଳେ ଅନେକ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ବିକାଶ ଏକ ନିରନ୍ତର ପ୍ରକ୍ରିୟା ହୋଇଥିବାରୁ ଆଉ ଯାହାବି ସମସ୍ୟା ରହିଯାଇଛି ସେଗୁଡିକୁ ସମାଧାନ କରିବା ଦିଗରେ ଉଦ୍ୟମ ଜାରି ରହିଛି ବୋଲି ବିଧାୟକ ତଥା ବିଜେଡିର ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ କହିଛନ୍ତି । ଗତ ୨୦୧୯ ସାଧାରଣ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିଲା ବିଜେପି । ଗତ ନିର୍ବାଚନରେ ଦଳୀୟ ଟିକଟ ହାସଲ କରି ପାଖାପାଖି ୫୦ହଜାର ଭୋଟ୍ ପାଇଥିବା ବିଜେପି ନେତା ତଥା ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡା ଦଳ ଛାଡି ଏବେ ବିଜେଡିରେ । ଦଳୀୟ ଟିକଟ ହାସଲ କରି ତୃତୀୟ ସ୍ଥାନରେ ରହିଥିବା କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ଏବେ ବିଜେପି ଶିବିରରେ । ଗତ ପଂଚାୟତ ନିର୍ବାଚନ ପୂର୍ବରୁ କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି କଂଗ୍ରେସ ଦଳ ଛାଡି ବିଜେପିରେ ସାମିଲ ହୋଇଥିଲେ । ତାଙ୍କ ନେତୃତ୍ୱରେ ପଂଚାୟତ ନିର୍ବାଚନରେ ଦଳକୁ ଆଶାତୀତ ସମର୍ଥନ ମିଳିଥିଲା । ବିଜେପି ସଂଗଠନକୁ ସେ ମଜବୁତ କରି ଚାଲିଥିବା ବେଳେ ଦଳ ତାଙ୍କ ପ୍ରତି ଅସ୍ଥା ପ୍ରକଟ କରି ଏଠରୁ ତାଙ୍କୁ ପ୍ରାର୍ଥୀ କରିଛି । ଧର୍ମଶାଳାରେ ଚାଲିଥିବା ଦୁର୍ନୀତିକୁ ପ୍ରସଙ୍ଗ କରି ଆସନ୍ତା ନିର୍ବାଚନରେ ଦଳ ସଫଳତା ପାଇବ ବୋଲି ଶ୍ରୀମତି ପହି ଆଶା ରଖିଛନ୍ତି । ସେହିପରି ଗତ କିଛି ମାସ ତଳେ ବିଜେପିରେ ସାମିଲ ହୋଇ ସଙ୍ଗଠନକୁ ଅଧିକ କ୍ରାୟାଶିଳ କରିଥିବା ହିମାଂଶୁ ଶେଖର ସାହୁ ବିଜେପି ପ୍ରାର୍ଥୀ ଆଶାୟୀ ଥିଲେ । ହେଲେ ଶେଷ ମୁହୂର୍ତ୍ତରେ ତାଙ୍କୁ ପ୍ରାର୍ଥୀ ତାଲିକାରୁ ବଂଚିତ କରାଯାଇଥିଲା । ଯାହାକୁ ନେଇ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଭରି ରହିଛି । ଏବେବି ଶ୍ରୀ ସାହୁ ଜୋନା ସ୍ତରୀୟ ସମାବେଶ କରି କର୍ମୀମାନଙ୍କୁ ଏକତ୍ରିତ କରି ରଖିବାରେ ସଫଳ ହୋଇଛନ୍ତି । ତେବେ ବିଜେପି ଟିକଟର ପୁନର୍ବିଚାର ହେବାର ଆଶା ରଖିଥିବା ହିମାଂଶୁ ଟିକଟ ନପାଇଲେ ପରବର୍ତୀ ପଦକ୍ଷେପ କଣ ନେବେ ତାହା ପରେ ସ୍ପଷ୍ଟ ହେବ । ଅନ୍ୟପଟେ ଦୁଇ ଦସନ୍ଧିରୁ ଉର୍ଦ୍ଧ ସମୟ ଧରି କଂଗ୍ରେସ ଦଳରେ ରହି ରାଜନିତି କରୁଥିବା କିଶାନ ପଣ୍ଡା ୧୯୯୭ ମସିହାରେ ଧର୍ମଶାଳା ବ୍ଲକର ଅଧ୍ୟକ୍ଷପଦ ହାତେଇବାରେ ସକ୍ଷମ ହୋଇଥିଲେ । ସେ ବହୁବାର ଟିକଟ ଲବିରେ ଥାଇ ମଧ ଶେଷ ମୁହୁର୍ତ୍ତରେ ହତାସ ହୋଇଥିଲେ । ଏବେ ସେ ପ୍ରଥମଥର ପାଇଁ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଛନ୍ତି । ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି । ତେବେ ବର୍ତମାନ ସମୟରେ କଂଗ୍ରେସ ଦଳର ଅବସ୍ଥା ଭଲ ନଥିବା ବେଳେ ଶ୍ରୀ ପଣ୍ଡା ପ୍ରାର୍ଥୀ ହୋଇ କେତେ ଭୋଟ ପାଉଛନ୍ତି ତାହା ଗଣତି ପରେ ଜଣାପଡିବ । କଂଗ୍ରେସର ଦୁର୍ଦ୍ଦିନ ସମୟରେ କିଶାନ ପଣ୍ଡା ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟକ୍ରମ କରି ଦଳକୁ ଏଠାରେ ବଂଚାଇରଖିବାରେ ସହାୟକ ହୋଇଥିଲେ । ଏବେ ସେ ପ୍ରାର୍ଥୀ ହେବା ପରେ ବିଭିନ୍ନ ପଂଚାୟତ ଗସ୍ତ କରି ଦଳୀୟ ସଂଗଠନକୁ ମଜବୁତ୍ କରିବା ସହ ଦଳର ଗ୍ୟାରେଂଟି କାର୍ଡ ସମ୍ପର୍କରେ ଭୋଟରଙ୍କୁ ଅବଗତ କରୁଛନ୍ତି । ଦଳର ସାଂଗଠନିକ ସ୍ଥିତି ଦୁର୍ବଳ ଥିବା ସେ ସ୍ୱୀକାର କରିଥିବା ବେଳେ ଦଳର ଥିବା ପାରମ୍ପରିକ ଭୋଟ ଦଳକୁ ଫେରିବ ବୋଲି ସେ ଆଶାବାଦୀ ଅଛନ୍ତି । ଶାସକ ଦଳର ଦୁର୍ନିତିକୁ ସେ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରିବେ ବୋଲି କହିଛନ୍ତି । ତେବେ ଏବେ ସୁଦ୍ଧ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବଳବନ୍ତରାୟଙ୍କ ସ୍ଥିତି ଭଲ ଥିବା ବେଳେ ଆଗକୁ ସେ ନିଜ ସମର୍ଥକମାନଙ୍କୁ ଏକତ୍ରିତ କରି ରଖିବାରେ କେତେ ସମର୍ଥ ହେଉଛନ୍ତି ତାହା ଆଗକୁ ଜଣାପଡିବ

## କଂଗ୍ରେସରେ ସାମିଲ ହେଲେ ଆଦିବାସୀ ନେତ୍ରୀ ମାଧବୀ ସିଂ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନମଣ୍ଡଳୀ ଆରୁହା ପଂଚାୟତର ଆଦିବାସୀ ନେତ୍ରୀ ମାଧବୀ ସିଂ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ଛାମୁଆ କର୍ମୀମାନେ ନିଜ ଦଳ ଛାଡି ଅନ୍ୟ ଦଳରେ ଯୋଗଦେଉଛନ୍ତି । ଏହି କ୍ରମରେ ଆଜି ବିଜେପି ରେ ରହି କାମ କରୁଥିବା ଆରୁହା ପଂଚାୟତର ନାରୀନେତ୍ରୀ ମାଧବୀ ସିଂ କଂଗ୍ରେସ ଦଳର ପ୍ରାର୍ଥୀ କିଶନ ପଣ୍ଡାଙ୍କ ଉପରେ ଆସ୍ଥା ପ୍ରକଟ କରି କଂଗ୍ରେସରେ ସାମିଲ ହୋଇଛନ୍ତି । ଶ୍ରୀ ପଣ୍ଡା ତାଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ମାଧବୀଙ୍କ କଂଗ୍ରେସ ଦଳରେ ଯୋଗଦାନ ଦଳୀୟ ସଙ୍ଗଠନକୁ ମଜବୁତ କରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏହି ମିଶ୍ରଣ ପର୍ବରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ପରିଡା, ବ୍ଲକ ଉପସଭାପତି ପ୍ରଫୁଲ୍ଲ କୁମାର ରାୟ, ଯୁବନେତା ଦେବାଶିଷ ପରିଡା ଓ ଦୀପକ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାମୀ ବିବେକାନନ୍ଦ ସେବା ସଙ୍ଘ ତରଫରୁ ଦହି ପଣା ବଣ୍ଟନ



କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର), (ପି.ଏନ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରାବହକୁ ଆଖି ଆଗରେ ରଖି ପ୍ରଗତିଶୀଳ ସାମାଜିକ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସେବା ସଂଘ ଆଙ୍କୁଶପୁର ଆନୁକୂଲ୍ୟରେ ଦହି ପଣା ଆବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ତେବେ ଏହି ଦହି ପଣା ଆବଣ୍ଟନ କାର୍ଯ୍ୟକ୍ରମକୁ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ବିମଳ କୁମାର ପଣ୍ଡା ଉଦଘାଟନ କରିଥିଲେ । ସଂଘର ସଭାପତି ଶ୍ରୀ ଅନିଲ କୁମାର ଚୌଧୁରୀ ସମ୍ପାଦକ ଡଃ. ସନ୍ୟାସୀ ମହାରଣା ଙ୍କର ପୌରହିତତ୍ୱ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଦସ୍ୟ ଏ. ଶ୍ରୀନିବାସ ରାଓ, ମନୋଜ କୁମାର ପଣ୍ଡା, ବସନ୍ତ କୁମାର ସାହୁ, ମିଟୁ ସାହୁ ସୋନୁ କୁମାର ସାହୁ ସଞ୍ଜୟ ସାହୁ ଦୁର୍ଯ୍ୟୋଧନ ସେଠି, ଆଦିତ୍ୟ, ସୁଭମ, ଅସିତ, ଅଙ୍କିତ ଓ ଭୋଳାଙ୍କ ସମେତ ଅନେକ ସ୍ଥାନୀୟ ଲୋକ ଏବଂ ଯୁବକ ସହଯୋଗ କରିଥିଲେ । ତେବେ ପ୍ରାୟ ଦୁଇ ହଜାରରୁ ଅଧିକା ଲୋକ ପାଇଁ ଦହି ପଣାର ଆବଣ୍ଟନ କାର୍ଯ୍ୟକ୍ରମ କରାଯିବା ସହ ସଂଘର ଲୋକାଭିମୁଖୀ ପ୍ରୟାସ ପାଇଁ ସାଧାରଣ ଲୋକ ପ୍ରଶଂସା କରିଥିଲେ ।

# ଇଫକୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ପାଳିତ




ପାରାଦୀପ,(ପି.ଏନ): ଇଫକୋ ସାରକାରଖାନା ଟାଉନସିପ୍‌ରେ ଥିବା ଇଫକୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ କେ.ଜେ.ପଟେଲ, ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲ୍, ଯୁଗ୍ମ ସାଧାରଣ ପରିଚାଳକ(ଉତ୍ପାଦନ) କେ.ମୋହନ ରାଓ, ସାଧାରଣ ପରିଚାଳକ(ସୂଚନା ଓ ପ୍ରଯୁକ୍ତି)ଏନ୍.ଆର୍.ନାୟକ, ପିପିଏଲ୍ ଡିଏଭି ସ୍କୁଲର ଅଧ୍ୟକ୍ଷ ସଂଜୀବ କୁମାର ସାହୁ, ପାରାଦୀପ ଡିଏଭି ସ୍କୁଲର ଅଧ୍ୟକ୍ଷ ବିନ୍ଦୁଶ୍ରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଇଫକୋ ଡିଏଭି ସ୍କୁଲର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ସମାରୋହରେ ପୌରହିତ୍ୟ କରିଥିଲେ । ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷକ ରାକେଶ ଦାଶ । ଏହି ସମାରୋହରେ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ବହୁ ବିଶିଷ୍ଟମାନେ ଯୋଗ ଦେଇଥିଲେ ।

# ବାଲିକୁଦା-ଏରସମାରେ ସତ୍ୟ ସାରଥୀ ମହାନ୍ତିଙ୍କ ସପକ୍ଷରେ ଜନମତ ଜୋରଦାର



ଭୁବନେଶ୍ୱର,(ପି.ଏନ): ବାଲିକୁଦା - ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତିଙ୍କର ସପକ୍ଷରେ ଜନମତ କ୍ରମଶଃ ଜୋରଦାର ହେବାରେ ଲାଗିଥିବା ଲକ୍ଷ୍ୟ କରାଯାଉଛି । ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ଗ୍ରାମର ମୂଳବାସିନ୍ଦା ୩୮ ବର୍ଷ ବୟସ୍କ ସତ୍ୟ, ଗାଁ ପୁଅ ହେବା ସାଙ୍ଗକୁ ଖୁବ୍ କମ ବୟସରେ ଜାତୀୟ ରାଜଧାନୀ କ୍ଷେତ୍ରର ଗୁରୁଗ୍ରାମଠାରେ ବ୍ୟାପାର ଜଗତରେ ବେଶ ସୁନାମ ଅର୍ଜନ କରିବା ବିଷୟ ତାଙ୍କ ସପକ୍ଷରେ ଯାଉଛି । ଶ୍ରୀ ମହାନ୍ତିଙ୍କର ଯୁବ ଚେହେରା, ସତେଜ ବ୍ୟକ୍ତିତ୍ୱ, ସ୍ୱଚ୍ଛ ଭାବମୂର୍ତ୍ତି, ସରଳ ପ୍ରକୃତି, ସଚ୍ଚୋଟ ଚରିତ୍ର, କଷ୍ଟ ସହିଷ୍ଣୁ ସ୍ୱଭାବ, ଶୃଙ୍ଖଳିତ ଆଚରଣ, ଭଦ୍ର ବ୍ୟବହାର, ପରୋପକାରୀ ମନୋଭାବ, ଉଦାରମନା ଆଚାର ଏବଂ ସର୍ବୋପରି ଗରିବ - ଗୁରୁବା ପ୍ରେମୀ ଦୃଷ୍ଟିଭଙ୍ଗୀକୁ ସାଧାରଣ ଭୋଟଦାତାମାନେ ବହୁତ ପସନ୍ଦ କରୁଛନ୍ତି । ବାଲିକୁଦାର ଏକ ସମ୍ମାନସ୍ପଦ ସମ୍ଭ୍ରାନ୍ତ ପରିବାରର ଯୋଗ୍ୟ ଦାୟଦ ସତ୍ୟଙ୍କର ଜେଜେ ବାପା ସ୍ୱର୍ଗତଃ ପର୍ଶୁରାମ ମହାନ୍ତି ଏହି ଇଲାକାର ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଏବଂ ମଉସା ବିଶିଷ୍ଟ ଜନନାୟକ ତଥା ଲୋକସଭାର ପୂର୍ବତନ ବାଚ୍ଛସ୍ପତି ରବି ରାୟ ଥିଲେ । ନିଜ ପରିବାରର ସୁଦୂର ପ୍ରସାରୀ ଲୋକ ସଂପର୍କ ଏବଂ ସୁବିସ୍ତୀର୍ଣ୍ଣ ଜନସୁନାମକୁ ଆଧାର କରି ସତ୍ୟ, ରାଜନୀତିରେ ତାଙ୍କର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି । ଗାଁ ର ପାଣି, ପବନରେ ବଢ଼ିଥିବାରୁ ଶ୍ରୀ ମହାନ୍ତିଙ୍କର ସ୍ଥାନୀୟ ସମସ୍ୟାବଳୀ ଓ ଏଗୁଡ଼ିକର ସମାଧାନର ସୂତ୍ର ସମ୍ପର୍କରେ ବ୍ୟକ୍ତିଗତ ସ୍ତରରେ ଅନୁଭବ ରହିଛି । ବିଦ୍ୟାର୍ଥୀ ଜୀବନରେ ଜଣେ ମେଧାବୀ ଛାତ୍ର ରହି ଆସିଥିବା ସତ୍ୟ, ବେଲବଣ ହାଇସ୍କୁଲ ଏବଂ ବାଲିକୁଦା କଲେଜରେ ଶିକ୍ଷାପ୍ରାପ୍ତି କରିବା ପରେ ବି.କମ୍ ଡିଗ୍ରୀ ଓ ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମା ସଫଳତାର ସହିତ ହାସଲ କରିଛନ୍ତି । ନିଜର ଯଶଶ୍ୱୀ ପେଶାଦାରୀ କାର୍ଯ୍ୟକାଳ ମଧରେ ଶ୍ରୀ ମହାନ୍ତି ବହୁ ମହତ୍ତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରି ତାଙ୍କର ଅସାଧାରଣ ପ୍ରତିଭା ଓ ଅସାମାନ୍ୟ ପାରଦର୍ଶିତା ପ୍ରଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ସି. ଏମ୍. ଏସ୍ ଗ୍ରୁପର ପ୍ରଶାସନିକ ଅଧିକାରୀ, ଇଲାଷ୍ଟସ୍ ଟେକ୍ନୋଲୋଜିର ପ୍ରଶାସନିକ ପ୍ରବନ୍ଧକ ଏବଂ ହଟଲ୍ୟାଣ୍ଡ ବେସ୍ ଓ ଜେ.କେ. ଆସୋସିଏଟସ୍ ଆଦି ରିଏଲ ଇଷ୍ଟେଟ ସଂସ୍ଥାର ନିର୍ଦ୍ଦେଶକ ଭାବରେ ଶ୍ରୀ ମହାନ୍ତି, ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପାଇଁ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଛନ୍ତି । ୪୫୦ ଟି ପରିବାରକୁ ପୂର୍ଣ୍ଣକାଳୀନ ନିଯୁକ୍ତି ସୁଯୋଗର ଉପଲବ୍ଧ କରାଇଥିବା ଶ୍ରୀ ମହାନ୍ତି କୋଭିଡ୍ ମହାମାରୀ କାଳରେ ମଧ ଏହି ପରିବାର ଗୁଡ଼ିକର ଭରଣପୋଷଣକୁ ଜାରୀ ରଖି ସାଧାରଣରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ସତ୍ୟଙ୍କର ଗଗନଚୁମ୍ବୀ ସଫଳତା ତାଙ୍କୁ ନୂତନ ପିଢୀର ଜଣେ ପ୍ରଗତିଶୀଳ, ସକାରାତ୍ମକ ଏବଂ ବାସ୍ତବଧର୍ମୀ ଶିଳ୍ପୋଦ୍ୟୋଗୀ ଭାବରେ ପ୍ରତିଷ୍ଠିତ କରାଇଛି । ୨୦୦୭ ମସିହାରେ ଶ୍ରୀ ମହାନ୍ତି ହରିୟାଣା ଠାରେ ବିଜେପିରେ ଯୋଗ ଦେଇଥିଲେ । ସେବେଠାରୁ ସେ ଦଳର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଚାର, ପ୍ରସାର କରିବାରେ ଲାଗିଛନ୍ତି । ଶ୍ରୀ ମହାନ୍ତିଙ୍କର ସକ୍ରୀୟ ଓ ସୁଦକ୍ଷ ନେତୃତ୍ୱ ଯୋଗୁଁ ବାଲିକୁଦା - ଏରସମାରେ ବିଜେପିର ସଂଗଠନ ସୁଦୃଢ଼ ହେଉଥିବାର ଲକ୍ଷ୍ୟ କରାଯାଉଛି । ଦଳ ପ୍ରତି ତାଙ୍କର ପ୍ରତିବଦ୍ଧତା ଏବଂ ଆନୁଗତ୍ୟ ତଥା ଜନତା ଜନାର୍ଦ୍ଦନଙ୍କର ସମୂହ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ସାଧନା, ସତ୍ୟଙ୍କୁ ଏହି ଅଞ୍ଚଳର ଆଶା ଭରସାର ଆଲୋକବର୍ତ୍ତିକା ଭାବେ ଉଭା କରିସାରିଛି । ରାଜନୈତିକ ପର୍ଯ୍ୟବେକ୍ଷକ ମାନଙ୍କର ଆକଳନ ଅନୁଯାୟୀ ଯୁବ, ଶିକ୍ଷିତ, ମହିଳା, ଚାଷୀ ଏବଂ ଗରିବ ଗୁରୁବା ଭୋଟ ଦାତା ମାନଙ୍କର ପ୍ରଚଣ୍ଡ ଆସ୍ଥା ଏବଂ ପ୍ରଚୁର ଆଶୀର୍ବାଦ ବଳରେ ବାଲିକୁଦା - ଏରସମା ଆସନରେ ସତ୍ୟସାରଥୀ ମହାନ୍ତି, ତାଙ୍କ ଜୀବନର ପ୍ରଥମ ନିର୍ବାଚନୀ ସଂଗ୍ରାମରେ ଜିତାପଟ ହାସଲ କରିବାର ସମ୍ଭାବନା ଦିନକୁ ଦିନ ଉଜ୍ଜଳରୁ ଉଜ୍ଜ୍ୱଳତର ହେବାରେ ଲାଗିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray